visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.04, Bhubaneswar Thursday, February 6, 2020 | ୨୩ତମ ବର୍ଷ ସଂଖ୍ୟା–୦୪ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୬, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ରେଳ ବଜେଟ୍‌ରେ ଓଡିଶାକୁ ମିଳିଲା ୪,୩୭୩ କୋଟି ଟଙ୍କା

ଭୁବନେଶ୍ୱର, ୫।୨(ପି.ଏନ): ପାର୍ଲାମେଂଟରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା କେନ୍ଦ୍ରୀୟ ବଜେଟ୍‌ରେ ପୂର୍ବତଟ ରେଳପଥ ପାଇଁ ସମୁଦାୟ ୫,୮୬୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଏଥି ମଧ୍ୟରୁ ଓଡ଼ିଶା ନିମନ୍ତେ ୪,୩୭୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ନୀତି ଆୟୋଗର ମଂଜୁରୀ ପରେ ମଂଜୁରୀ ହୋଇଥିବା ନୂଆ ପ୍ରକଳ୍ପ ଗୁଡ଼ିକୁ ମିଳିବ ଅନୁଦାନ। ନୂଆ ରେଳ ଲାଇନ ପାଇଁ ୨୯୫୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଓଭରବ୍ରିଜ, ଅଣ୍ଡର ବ୍ରିଜ୍ ନିର୍ମାଣ ଏବଂ ବିଦ୍ୟୁତକରଣ ପାଇଁ ୧୧୬୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷ କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶା ପାଇଁ ପୂର୍ବତଟ ରେଳପଥକୁ ୪,୫୯୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ବେଳେ ଏନ.ଟି.ପି.ସିର କୋଲ କରିଡ଼ରକୁ ରେଳ ସଂଯୋଗ ପାଇଁ ଏନ.ଟି.ପି.ସି. ୧୪୦୦ କୋଟି ଟଙ୍କା ଦେଇଥିଲା।। ଏଥର ଏନ.ଟି.ପି.ସି କୌଣସି ଅର୍ଥ ଦେଇନାହିଁ। ସମ୍ବଲପୁର-ଗୋପାଳପୁର ୨୪୧ କି.ମି. ନୂଆ ରେଳ ଲାଇନ ନିର୍ମାଣ ପାଇଁ ୨୯୫୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ନୀତି ଆୟୋଗ ମଂଜୁରୀ ଦେଲେ ତାହା ବ୍ୟୟ କରାଯିବ। ଏହା ବ୍ୟତୀତ ଅନ୍ୟ ସମସ୍ତ ନିର୍ମାଣଧିନ ପ୍ରକଳ୍ପରେ ବିଗତ ଆର୍ଥିକ ବର୍ଷ ଅପେକ୍ଷା ଆଗାମୀ ଆର୍ଥିକ ବର୍ଷ ବଜେଟ୍‌ରେ ଅଧିକ ବ୍ୟୟ ବରାଦ କରାଯାଇଛି। ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥ ନିର୍ମାଣ (୨୮୯ କି.ମି.) ପାଇଁ ୫୨୦ କୋଟି ଟଙ୍କା ଦିଆଯାଇଥିଲା ବେଳେ ଗତ ବର୍ଷରେ ୩୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହି ରେଳପଥର ନିର୍ମାଣ ଯଥାଶୀଘ୍ର ଶେଷ କରିବା ପାଇଁ ପ୍ରଧାନ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପ (୯୮.୭କି.) ପାଇଁ ୪୫୦ କୋଟି ଟଙ୍କା ଦିଆଯାଇଥିଲା ବେଳେ ଗତ ବଜେଟ୍‌ରେ ୨୫୦ କୋଟି ଟଙ୍କା ଦିଆଯାଇଥିଲା । ହରିଦାସପୁର-ପାରାଦ୍ୱୀପ ରେଳପଥ ନିର୍ମାଣ (୮୨ କି.ମି.) କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ଶେଷ ହେବାକୁ ଯାଉଥିବାରୁ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ବଜେଟ୍‌ରେ ୪୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ସମ୍ବଲପୁର-ତାଳଚେର, ସମ୍ବଲପୁର-ଟିଟିଲାଗଡ଼, ଟିଟିଲାଗଡ଼-ରାୟଗଡ଼ା ଏବଂ ଟିଟିଲାଗଡ଼-ରାୟପୁର ରେଳ ଲାଇନର ଦୋହରୀକରଣ ପାଇଁ ଅନୁରୂପ ଭାବେ ଅର୍ଥ ପରିମାଣକୁ ବୃଦ୍ଧି କରାଯାଇଛି। ତାଳଚେର-ବିମଳାଗଡ଼ (୧୫୪ କି.ମି.) ରେଳ ଲାଇନ ନିର୍ମାଣ ପାଇଁ ୧୪୦ କୋଟି ଟଙ୍କା ବୃୟ ବରାଦ କରାଯାଇଥିଲା ବେଳେ ଜୟପୁର-ମାଲକାନଗିରି (୧୩୦ କି.ମି.) ରେଳ ଲାଇନ ପାଇଁ ୩୩ କୋଟି, ଜୟପୁର-ନବରଙ୍ଗପୁର (୩୮ କି.ମି.) ପାଇଁ ୨୦ କୋଟି ଟଙ୍କା, ଖୋର୍ଦ୍ଧାରୋଡ଼-ବିଜୟନଗରମ୍ ବାଇପାସ୍ ନିର୍ମାଣ ପାଇଁ ୨୦ କୋଟି ଟଙ୍କା, ଗୋପାଳପୁର ଠାରୁ ସମ୍ବଲପୁର ଭାୟା ଫୁଲବାଣୀ ପାଇଁ ୧ ଲକ୍ଷ ଟଙ୍କା, ତାଳଚେର-ଅନୁଗୁଳ ନୂଆ ଲାଇନ (୧୪.୫ କି.ମି.) ପାଇଁ ୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ସମ୍ବଲପୁର-ତାଳଚେର ରେଳ ଲାଇନ (୧୭୪.୧୧କି.ମି.) ଦୋହରୀକରଣ ପାଇଁ ୨୯୨ କୋଟି, ସମ୍ବଲପୁର-ଟିଟିଲାଗଡ଼ (୧୮୨.୧୧ କି.ମି.) ଦୋହରୀକରଣ ପାଇଁ ୩୮୨ କୋଟି ଟଙ୍କା, ଟିଟିଲାଗଡ଼-ବିଜୟନଗରମ୍ ତୃତୀୟ ଲାଇନ (୨୬୪.୬ କି.ମି.) ପାଇଁ ୩୮୦ କୋଟି ଟଙ୍କା, ବାଂଶପାଣି-ଦୈତାରୀ ଟମ୍‌କା-ଯଖପୁରା (୧୮୦ କି.ମି.) ପାଇଁ ୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ବୃନ୍ଦାମଲ-ଝାରସଗୁଡ଼ା ଫ୍ଲାଏ ଓଭର ପାଇଁ ୧୦ କୋଟି ଟଙ୍କା, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳପଥ (୮୦ କି.ମି.) ପାଇଁ ୧୦୨ କୋଟି ଟଙ୍କା, ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପାଇଁ ୧୧୮ କୋଟି ଟଙ୍କା, ବୁଢ଼ାପଙ୍କ-ଶାଳଗାଁ ତୃତୀୟ ଓ ଚତୁର୍ଥ ରେଳପଥ ପାଇଁ ୨୦୫ କୋଟି ଟଙ୍କା, କୋରାପୁଟ-ସିଙ୍ଗାପୁର ରୋଡ଼ ପାଇଁ ୨୦୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଜଗଦଲପୁର-କୋରାପୁଟ (୧୧୦ କି.ମି.) ପାଇଁ ୧୩୦ କୋଟି ଟଙ୍କା, କୋଟାଭାଲସା-କୋରାପୁଟ (୧୮୯ କି.ମି.) ପାଇଁ ୧୯୬ କୋଟି ଟଙ୍କା, ରାୟପୁର-ଟିଟିଲାଗଡ଼ (୨୦୩ କି.ମି.) ପାଇଁ ୧୪୬ କୋଟି ଟଙ୍କା, ଖୋର୍ଦ୍ଧା ରୋଡ଼-ବାରଙ୍ଗ ତୃତୀୟ ଲାଇନ ପାଇଁ ୩୫ କୋଟି ଟଙ୍କା, ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କି.ମି.) ପାଇଁ ୨୮୦ କୋଟି ଟଙ୍କା, ବାଘୁଆପାଲ ଫ୍ଲାଏ ଓଭର ପାଇଁ ୧୦ କୋଟିଟଙ୍କା, ମନୋହରପୁର-ଗଣ୍ଡାମୁଣ୍ଡା ତୃତୀୟ ଲାଇନ ପାଇଁ ୩୫ କୋଟି ଟଙ୍କା, ରାଉରକେଲା-ଝାରସୁଗୁଡ଼ା ତୃତୀୟ ଲାଇନ ପାଇଁ ୧୭୦ କୋଟି ଟଙ୍କା, ଗଣ୍ଡମୁଣ୍ଡା-ରାଂଚି ରେଳ ଲାଇନର ଦୋହରୀକରଣ ପାଇଁ ୨୦ କୋଟି ଟଙ୍କା, ନାରାୟଣଗଡ଼-ଭଦ୍ରକ ତୃତୀୟ ଲାଇନ ପାଇଁ ୫୦ କୋଟି ଟଙ୍କା, ଗଣ୍ଡାମୁଣ୍ଡା-ରାଉରକେଲା ଚତୁର୍ଥ ଲାଇନ ପାଇଁ ୨୩ କୋଟି ଟଙ୍କା, ଚମ୍ପା-ଝାରସୁଗୁଡ଼ା ତୃତୀୟ ଲାଇନ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନ୍ୟପକ୍ଷରେ ଅନୁଗୁଳସ୍ଥିତ ଇଲେକ୍‌ଟ୍ରିକ୍ ଲୋକସେଡ୍‌ର କ୍ଷମତା ୧୦୦ ରୁ ୧୫୦ କୁ ବୃଦ୍ଧି କରିବା ପାଇଁ ୪ କୋଟି ଟଙ୍କା, ମାନେଶ୍ୱରରେ ଟ୍ରେନ ରକ୍ଷଣାବେକ୍ଷଣ ପାଇଁ ୨୦ କୋଟି ଟଙ୍କା, କଳାହାଣ୍ଡିରେ ପ୍ରସ୍ତାବିତ ଇଲେକ୍‌ଟ୍ରିକ୍ ଇଂଜିନ୍ ୱାର୍କସପ୍ ପାଇଁ ୧ କୋଟି ଟଙ୍କା, ରେଲୱେର ବିଦ୍ୟୁତକରଣ ପାଇଁ ୧୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାରାତାରେଣୀ ମନ୍ଦିର ଉନ୍ନତି କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା କରୁଛନ୍ତି

## ବିପୁଳ ପରିମାଣର କଫ୍ ସିରପ ଜବତ , ଜଣେ ଅଟକ

ଜୟପୁର,୫।୨(ପି.ଏନ): ବେଆଇନ କଫ୍ ସିରପକୁ ନେଇ ପଶ୍ଚିମ ଓଡିଶା ପରେ ଏବେ ଦକ୍ଷିଣ ଓଡିଶାରେ ଚଢ଼ାଉ ଆରମ୍ଭ ହୋଇଛି। ଜୟପୁରରେ ବିପୁଳ ପରିମାଣର ଏହି ସିରପ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି ପୋଲିସ। କୋରାପୁଟ ଡ୍ରଗ୍ସ ଇନ୍ସପେକ୍ଟର ଓ ଜିଲ୍ଲା ପୋଲିସ ପକ୍ଷରୁ ମିଳିତ ଭାବେ ଏହି ଚଢାଉ କରାଯାଇଛି। ବୁଧବାର ଭୋରରୁ ପୋଲିସ ଏବଂ ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ତରଫରୁ ଜୟପୁରର ଗଣନାଥ ହୋମିଓପ୍ୟାଥି ଔଷଧ ଦୋକାନ ଓ ମାଲିକଙ୍କ ଘର ଉପରେ ମିଳିତ ଚଢ଼ାଉ ହୋଇଥିଲା। ଘରେ ବେଆଇନ ଭାବେ ଏହି ସିରପ ରଖିବା ଅଭିଯୋଗରେ ଔଷଧ ଦୋକାନ ମାଲିକଙ୍କୁ ଅଟକ ରଖିଛି ପୋଲିସ।ଏହା ସହ ୨୦ ପେଟିରେ ଥିବା ୮୦୦ଟି ବୋତଲ ଔଷଧକୁ ଜବତ କରିଛି। ଚଢ଼ାଉ ବେଳେ ଏସବୁ ଔଷଧର ବିଲ୍ ଦୋକାନୀ ଦେଖାଇ ପାରିନଥିଲେ ବୋଲି କହିଛି ପୋଲିସ। ସେହିପରି ବିନା ଲାଇସେନ୍ସରେ ଘରେ ଏସବୁ ଔଷଧ ରଖାଯାଇଥିଲା। ଜୟପୁରର ଏହି ଗଣନାଥ ହୋମିଓପ୍ୟାଥି ଦୋକାନରୁ ଜିଲ୍ଲାର ବିଭିନ୍ନ ସ୍ଥାନକୁ ସିରପ ବିକ୍ରି ପାଇଁ ଯାଉଥିଲା। ଏହି ସିରପରେ ୪୦ ପ୍ରତିଶତ ଆଲକହଲ ଥିବାରୁ ଏହା ବିଭିନ୍ନ ସ୍ଥାନରେ ନିଶା ପାଇଁ ଲୋକମାନେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ତେବେ ଏହି ସବୁ ଔଷଧ ହୋମିଓପ୍ୟାଥିକ ଏବଂ ଏହି ଔଷଧ ବିକ୍ରି ଉପରେ ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି ଔଷଧ ଦୋକାନ ମାଲିକ। ତେବେ ଔଷଧ ଷ୍ଟକ ଅନୁସାରେ ବିଲ୍ ନଥିବା ଏବଂ ବେଆଇନ ଭାବେ ଘରେ ଏହା ମହଜୁଦ ରଖିବା ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଔଷଧ ଜବତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ତଦନ୍ତ ଚଳାଇଛି। କେଉଁ ସ୍ଥାନରୁ ଏ ସବୁ ଆସୁଥିଲା ଓ କେଉଁ ସବୁ ଯାଉଥିଲା ତାହାର ଖୋଳତାଡ କରୁଛି ପୋଲିସ।କେବଳ ପଶ୍ଚିମ ଓଡିଶା କି ଦକ୍ଷିଣ ଓଡିଶା ନୁହଁ , ସାରା ରାଜ୍ୟରେ ଏହି ସବୁ ସିରପ କମ ଦରରେ ମିଳୁଥିବାରୁ ଏହାକୁ ଲୋକେ ନିଶା ଭାବେ ବ୍ୟବହାର କରୁଛନ୍ତି। ତେଣୁ ବେଆଇନ ଭାବେ ଏହା ବିକ୍ରି କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ବାଲି ସାଧାରଣରେ ଦାବି କରାଯାଇଛି।

## ରାତି ୧୦ଟାରେ ଉଠିବ ଲିଙ୍ଗରାଜଙ୍କ ମହାଦୀପ

ଭୁବନେଶ୍ୱର, ୫।୨(ପି.ଏନ): ଆସନ୍ତା ୨୧ ତାରିଖରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଜାଗର ଅମାବାସ୍ୟା ପାଳନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ଲିଙ୍ଗରାଜ ମନ୍ଦିର ପ୍ରଶାସନର ନବ ଗଠିତ ଅନ୍ତରୀଣ ନ୍ୟାସ ମଣ୍ଡଳୀର ପ୍ରଥମ ବୈଠକରେ ଆଲୋଚନା ହୋଇଥିଲେ। ବୈଠକରେ ମହାଶିବରାତ୍ରୀ ପର୍ବ ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଛି । ପାର୍କିଂ, ସୌନ୍ଦର୍ଯ୍ୟକରଣ, ଆଇନ ଶୃଙ୍ଖଳା, ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି । ତେବେ ଚଳିତ ଥର ମନ୍ଦିର ଭିତର ସମେତ ମନ୍ଦିର ବାହାରେ ସୌନ୍ଦର୍ଯ୍ୟକରଣ ସ୍ଥାନରେ ଦୀପ ଜାଳିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ସର୍କିଟ୍ ହାଉସରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ପୋଲିସ ଅଧିକାରୀ, ବିଏମସିର ଅତିରିକ୍ତ କମିଶନର ଏବଂ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## କେରଳରେ କରୋନା ଭାଇରସ ସଂକ୍ରମିତ ଦୁଇ ଛାତ୍ରଙ୍କ ସ୍ୱାସ୍ଥ୍ୟରେ ହେଉଛି ସୁଧାର : କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ

ନୂଆଦିଲ୍ଲୀ, ୫।୨(ପି.ଏନ): କେରଳରେ କରୋନା ଭାଇରସ ସଂକ୍ରମିତ ଦୁଇ ଛାତ୍ରଙ୍କ ସ୍ୱାସ୍ଥ୍ୟରେ ଧୀରେ ଧୀରେ ସୁଧାର ହେଉଛି । ତାଙ୍କ ଶରୀରରେ ହୋଇଥିବା ସଂକ୍ରମଣ ଧୀରେ ଧୀରେ କମ ହେଉଛି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୂଦନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଦୁଇ ଜଣ ଛାତ୍ରଙ୍କର ନିୟମିତ ତଦାରଖ କରା ଯାଉଛି ଓ ଆଗାମୀ ୧୫ ଦିନ ମଧ୍ୟରେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବାର ସମ୍ଭାବନା ରହିଛି । ସେ କହିଛନ୍ତି କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ରାଜ୍ୟ ମାନଙ୍କ ସହିତ ନିୟମିତ ସମ୍ପର୍କରେ ରହିଛନ୍ତି । ରାଜ୍ୟ ମାନେ ଏହି ଭାଇରସର ପ୍ରକୋପ ସମ୍ପର୍କରେ ନିୟମିତ କେନ୍ଦ୍ର ସରକାରଙ୍କୁ ଅବଗତ କରାଉଛନ୍ତି ।

## ଆଉ ଜଣେ କରୋନା ସଂଦିଗ୍ଧ କଟକର ଏସସିବି ମେଡିକାଲ କଲେଜରେ ଭର୍ତ୍ତି

ଭୁବନେଶ୍ୱର/ କଟକ, ୫।୨ (ପି.ଏନ): ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ଜଣେ କରୋନା ସନ୍ଦିଗ୍ଧ କଟକର ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି ହୋଇଥିବା ଜଣା ପଡିଛି । ସେ ହଂକଂରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ତାଙ୍କ ଘର ଜଗତସିଂହପୁର ଜିଲ୍ଲାରେ ବୋଲି ସୂଚନା ମିଳିଛି। ସେ କୌଣସି କାର୍ଯ୍ୟରେ ଚୀନ୍ ଯାଇ ଜାନୁଆରୀ ୨୪ରେ ଘରକୁ ଫେରିଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟରୁ ଏ ସମ୍ପର୍କିତ କରୋନା ସଂଦିଗ୍ଧ ମାନଙ୍କର ୭ଟି ନମୁନା ପରୀକ୍ଷା ପାଇଁ ପୁଣେ ପଠା ଯାଇଥିଲା । ତେବେ ଏଥିରୁ ପାଂଚଟି ରିପୋର୍ଟ ନେଗେଟିଭ ଆସିଥିବା ଜଣା ପଡିଛି ।

## କିର୍ଜିଜସ୍ତାନର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

ନୂଆଦିଲ୍ଲୀ, ୫।୨(ପି.ଏନ): ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କିର୍ଜିଜସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ମେଜର ଜେନେରାଲ ଆର. ଡୁଇଶେନିବିକଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଆଲୋଚନା ଅତ୍ୟନ୍ତ ସାର୍ଥକ ରହିଲା ବୋଲି ଶ୍ରୀ ସିଂହ ଟ୍ୱିଟ କରି ପ୍ରକାଶ କରିଛନ୍ତି । ଶ୍ରୀ ସିଂହ ଟ୍ୱିଟ କରି କହିଛନ୍ତି ଯେ ଭାରତର କିର୍ଜିଜସ୍ତାନ ସହ ଖୁବ ଭଲ ସମ୍ପର୍କ ରହି ଆସିଛି । ଉଭୟ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ କରୁଛନ୍ତି । ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସମ୍ପର୍କ ଆହୁରି ଦୃଢ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହେଲା ବୋଲି ଶ୍ରୀ ସିଂହ କହିଛନ୍ତି ।

## ବସ୍ ଷ୍ଟାଣ୍ଡରେ ଖୋଲିବ ସପିଂ ମଲ୍

ଭୁବନେଶ୍ୱର, ୫।୨(ପି.ଏନ): ଏଣିକିବସ୍ ଷ୍ଟାଣ୍ଡ ମାନଙ୍କରେ ସପିଂ ମଲ୍ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଆବଶ୍ୟକ ସ୍ଥଳେ ବଡ଼ ବସଷ୍ଟାଂଟ ଗୁଡ଼ିକରେ ମଲ୍ଟିପ୍ଲେକ୍ସର ବ୍ୟବସ୍ଥା କରାଯିବ। ଜନସାଧାରଣ ବସଷ୍ଟାଣ୍ଡରେ ଅତ୍ୟାଧୁନିକ ସୁବିଧାସୁଯୋଗ ପାଇପାରିବେ। ସେହିପରି ଓଏସଆରଟିସିର ବସ ସଂଖ୍ୟା ବଢାଇବା ପାଇଁ ମଧ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା, ୯ ତାରିଖ ଯାଏ ହେବ ବର୍ଷା, କୋହଲା ପାଗ

ଭୁବନେଶ୍ୱର, ୫।୨(ପି.ଏନ): ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଂଚଳରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଜାରୀ ରହିଛି। ବର୍ଷା ସାଙ୍ଗକୁ କୋହଲାପାଗ ଜାରୀ ରହିଛି। ପାଣିପାଗ ପକ୍ଷରୁ କରା ଯାଇଥିବା ପୂର୍ବାନୁମାନ ଅନୁସାରେ ପୁଣି ପାଗରେ ପରିବର୍ତ୍ତନ ଆସିବ । ବର୍ଷା, ଶୀତ ପରେ ପୁଣି ପାଗ କୋହଲା ରହିବ । ପାଣିପାଗ ବିଭାଗର ସୂଚନା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବୟ ଉପକୂଳ ଓ ଉତର ଓଡ଼ିଶାର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ତରଫର ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆଜି ବଲାଙ୍ଗିର, ବୌଦ୍ଧ, କନ୍ଧମାଳ, ସୋନପୁର, ଅନୁଗୁଳ, ନୟାଗଡ଼, କଟକ, ଦେବଗଡ଼, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଘଡ଼ିଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଆଗାମୀ ୯ ତାରିଖ ଯାଏ ଏପରି ସ୍ଥିତି ରହିବ । ତେବେ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଆକାଶ ମେଘାଛନ୍ନ ହୋଇଥିବାରୁ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆଗାମୀ ୯ ତାରିଖ ପର ଠାରୁ ମେଘ ଅପସରି ଗଲେ ତାପମାତ୍ରା ୧-୨ ଡିଗ୍ରୀ କମିବ ବୋଲି ସେ କହିଛନ୍ତି ।

## ଶ୍ରୀନଗରରେ ଆତଙ୍କବାଦୀ ଆକ୍ରମଣ, ଜଣେ ସିଆରପିଏଫ ଜବାନ ଶହୀଦ, ଦୁଇ ଆତଙ୍କବାଦୀ ନିହତ

ଶ୍ରୀନଗର, ୫।୨(ପି.ଏନ): ଶ୍ରୀନଗର ଲବେପାରା ଅଂଚଳରେ ବୁଧବାର ଦିନ ଚେକ ପଏଂଟରେ ମୁତୟନ ସିଆରପିଏଫ ଜବାନ ମାନଙ୍କ ଉପରେ ଆତଙ୍କବାଦୀ ମାନେ ଅଚନାକ ଆକ୍ରମଣ କରି ଦେଇଥିଲେ । ଏହା ପରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ଗୁଳି ବିନିୟମରେ ଜଣେ ସିଆରପିଏଫ ଜବାନ ଶହୀଦ ହୋଇଥିବା ବେଳେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଶ୍ରୀନଗରରେ ଲବେପାରା ଅଂଚଳରେ ସିଆରପିଏଫ ଦ୍ୱାରା ବାହନ ଗୁଡିକର ଚେକିଂ ପାଇଁ ଚେକ ପଏଂଟ ତିଆରି କରା ଯାଇଥିଲା । ସେଠାରେ ଆତଙ୍କବାଦୀ ମାନେ ପହଂଚି ସିଆରପିଏଫ ଜବାନ ମାନଙ୍କ ଉପରେ ଗୁଳି କରିବା ଆରମ୍ଭ କରି ଦେଇଥିଲେ । ଏହା ପରେ ସିଆରପିଏଫ ଜବାନ ମାନେ ତାଙ୍କର ପଜିସନ ନେଇ ପାଲଟା ଗୁଳି ଚଳାଇଥିଲେ ।

## ଭାରତର ଉର୍ଜା ସୁରକ୍ଷାକୁ ବଢାଇବ ଦ୍ୱିପାକ୍ଷିକ ଚୁକ୍ତି : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ ଭୁବନେଶ୍ୱର, ୫।୨(ପି.ଏନ): ନୂଆଦିଲ୍ଲୀ ଠାରେ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଜନେଫ୍ଟର ସିଇଓ ଇଗୋର ସଚିନ୍ ଏବଂ ତାଙ୍କର ଏକ ଉଚ୍ଚ ବ୍ୟବସାୟିକ ପ୍ରତିନିଧି ମଣ୍ଡଳି ସହ ଆଲୋଚନା କରିଛନ୍ତି । ଏହି ଅବସରରେ ପ୍ରଥମ ଥର ପାଇଁ ଆଇଓସିଏଲ ଏବଂ ରୋଜନେଫ୍ଟ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି । ଏହି ଚୁକ୍ତି ଫଳରେ ଋଷ ଭାରତକୁ ବାର୍ଷିକ ୨ ଏମ୍‌ଏମ୍‌ଟି ଅଶୋଧିତ ତୈଳ ଯୋଗାଇବ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଚୁକ୍ତି ଅଶୋଧିତ ତୈଳ ଆମଦାନୀ କ୍ଷେତ୍ରରେ ଭାରତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି । ଏହି ଚୁକ୍ତି ଭାରତର ଉର୍ଜା ସୁରକ୍ଷାକୁ ବଢାଇବା ଦିଗରେ ବଡ ପଦକ୍ଷେପ । ଭାରତ ଏବଂ ଋଷ ସମ୍ପର୍କ ମଧ୍ୟରେ ହାଇଡ୍ରୋକାର୍ବନ ହେଉଛି ଉଭୟ ରଣନୈତିକ ବିଶେଷାଧିକୃତ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଭାରତର ଉର୍ଜା ସୁରକ୍ଷାରେ ରୋଜନେଫ୍ଟ ଏକ ଭଲ ସହଯୋଗୀ କମ୍ପାନୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଭାରତୀୟ ତୈଳ ଏବଂ ଗ୍ୟାସ ପିଏସୟୁ ଏବଂ ରୋଜନେଫ୍ଟ ମଧ୍ୟରେ ଚାଲୁଥିବା ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଉପରେ କେନ୍ଦ୍ରମନ୍ତ୍ରୀ ଓ ରେଜନେଫ୍ଟର ସିଇଓ ସମୀକ୍ଷା କରିଥିଲେ । ଦ୍ୱିପାକ୍ଷିକ ଉର୍ଜା ସହଯୋଗକୁ ବଢାଇବା ଓ ପ୍ରାକୃତିକ ଗ୍ୟାସ ଏବଂ ଅଶୋଧିତ ତୈଳରେ ପୁଞ୍ଜିନିବେଶ ମାଧ୍ୟମରେ ହାଇଡ୍ରୋକାର୍ବନ କ୍ଷେତ୍ରକୁ ମଜବୁତ୍ କରିବା ଉପରେ ଉଭୟ ଚର୍ଚ୍ଚା କରିଥିଲେ । ଉଲ୍ଲେଖନୀୟ ଯେ, ଆଜିର ବୈଠକରେ ଋଷର ଭୋଷ୍ଟକ ପ୍ରକଳ୍ପରେ ଭାରତର ପୁଞ୍ଜିନିବେଶର ରୋଡମ୍ୟାପ୍ ସମେତ ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଋଷ ଗସ୍ତ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଜି ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିକୁ ଆଗକୁ ନେବା ନେଇ ଉଭୟ ସମ୍ମତି ପ୍ରକାଶ କରିଥିଲେ। ଭାରତର ଉର୍ଜା ସୁରକ୍ଷାକୁ ମଜବୁତ୍ କରିବା ଏବଂ ଭାରତୀୟ ତୈଳ ଏବଂ ଗ୍ୟାସ କମ୍ପାନୀ ସହ ମିଳିତ ଭାବରେ କାମ କରିବା ପାଇଁ ସହଯୋଗକୁ ବଢାଇବା ପାଇଁ ରୋଜନେଫ୍ଟର ସିଇଓ ସମ୍ମତି ପ୍ରଦାନ କରିଥିଲେ ।

## ରେକର୍ଡ ପରିମାଣର ଧାନ କିଣାଗଲା : ଚାଷୀଙ୍କ ଠାରୁ କିଣିଲେ ଅଧିକ ୩.୫ ଲକ୍ଷ କୁଇଂଟାଲ ଧାନ

ଜୟପାଟଣା, ୫।୨(ପି.ଏନ): ମୁଖିଗୁଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ଆସୁଥିବା ଜୟପାଟଣା, କଲମପୁର ଓ କୋକସରା ବ୍ଲକ୍ ରେ ଗତ ୨୦୧୮-୧୯ କୃଷି ବର୍ଷରେ ମୋଟ ୧୧,୨୪,୮୨୧.୮୬ କୁଇଂଟାଲ ଧାନ କିଣା ଯାଇଥିବା ବେଳେ ଚଳିତ ଖରିଫ ରେ ଅଦ୍ୟାବଧି ୧୪,୭୪,୧୫୭.୭୦ କୁଇଂଟାଲ ଧାନ କିଣା ସରିଲାଣି। ଅର୍ଥାତ୍ ଗତ ବର୍ଷ ତୁଳନାରେ ମୋଟ୍ ୩,୪୯,୩୩୫.୮୪କୁଇଂଟାଲ ଧାନ ଅଧିକ କିଣା ଥିବା ଜଣାପଡ଼ିଛି। ସେହିପରି ଜୟପାଟଣା ବ୍ଲକ୍ ୯୫୧୫ ଜଣ ଚାଷୀଙ୍କ ଠାରୁ ୬,୬୭,୯୮୮.୩. କଲମପୁର ବ୍ଲକ୍ ର ୫୦୪୫ ଜଣ ଚାଷୀଙ୍କ ଠାରୁ ୩,୬୨,୧୩୮.୫୩ ଓ କୋକସରା ବ୍ଲକ୍ ର ୭୪୮୧ ଜଣ ଚାଷୀଙ୍କ ଠାରୁ ୪,୬୮,୧୮୭.୯୨ କୁଇଂଟାଲ ଧାନ କିଣା ସରିଥିବା ଜଣାପଡିଛି। ଏହିସବୁ ସତ୍ତ୍ୱେ ମୁଖିଗୁଡ଼ା ଆର୍.ଏମ୍.ସି. ପରିଧିରେ ୪୯ଟି ମଣ୍ଡି ଖୋଲି ଧାନକ୍ରୟ ଆରମ୍ଭ କରାଯାଇଥିଲେ ବି ୭ଟି ମଣ୍ଡି ଛାଡ଼ିଦେଲେ ଅନ୍ୟ ସମସ୍ତ ମଣ୍ଡିରେ ଊଣା ଅଧିକ ଚାଷୀମାନଙ୍କ ପାଖରେ ଧାନ ବିକ୍ରି ନହୋଇ ଟୋକନ୍ ଅଭାବରୁ ପଡ଼ି ରହିଥିବା ଅଭିଯୋଗ ଆସୁଛି। ପ୍ରଥମ ରୁ ଟୋକନ୍ ନ ପାଇ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଧାନ ବିକ୍ରି ରୁ ବଂଚିତ ଥିବା ଚାଷୀଙ୍କ ସହିତ ଦ୍ୱିତୀୟ ଟୋକନ୍ କୁ ଅପେକ୍ଷା କରି ଅନେଇ ବସିଥିବା ଶହ ଶହ ଚାଷୀଙ୍କୁ ଏବେ ହତାଶ ହେବାକୁ ପଡ଼ିଛି । ଏ ସବୁ ଚାଷୀ ଙ୍କ ପାଇଁ ପ୍ରଶାସନିକ ଆକଳନ କରି ସେମାନଙ୍କ ଧାନ ବିକ୍ରୟ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଦାବୀ ହେଉଛି । ଅନ୍ୟ ପଟରେ ତଳି ପକା, ଧାନ ରୁଆଆରମ୍ଭ ହୋଇ ସାରିଥିବା ବେଳେ ଡ଼ାଲୁଅ ଚାଷକୁ ନେଇ ଉପେକ୍ଷିତ ହୋଇଥିବା ଚାଷୀ ଙ୍କୁ ଏବେ ଆଶଙ୍କା ମଧରେ ଦିନ କାଟିବାକୁ ପଡୁଛି। ପୁଣି ମଣ୍ଡି ମାନଙ୍କରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ମଣ୍ଡିରେ ପଡ଼ିଥିବା ଧାନ ଏବେ ବିଭିନ୍ନ ସ୍ଥାନରୁ ଚୋରି ହେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି । ଚାଷୀଙ୍କ ବାସ୍ତବତାକୁ ଗୁରୁତ୍ୱ ଦେଇ ଅଦ୍ୟାବଧି ଧାନ ବିକ୍ରି କରି ନପାରି ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ଦାବୀ ହେଉଛି ।

## ବରଗଡରେ ସିଟି ହସ୍ପିଟାଲ ପ୍ରତିଷ୍ଠା ନେଇ ଅଚଳାବସ୍ଥା ପ୍ରସଙ୍ଗ : ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ସୁରେଶ ପୂଜାରୀ

ଭୁବନେଶ୍ୱର , ୫।୨(ପି.ଏନ): ବରଗଡର ପୁରୁଣା ଜିଲ୍ଲା ଚିକିତ୍ସାଳୟକୁ ୨୪ ଘଂଟିଆ ସେବା ଯୋଗାଉଥିବା ସିଟି ହସ୍ପିଟାଲ କରିବା ପାଇଁ ଗତ ୩ଦିନ ଧରି ବରଗଡଠାରେ ଜାରି ରହିଥିବା ଅଚଳାବସ୍ଥାକୁ ଦୂର କରିବା ଲାଗି ଆଜି ବରଗଡ ସାଂସଦ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ଭେଟି ଏହି ମାମଲାରେ ହସ୍ତକ୍ଷେପ କରି ସମାଧାନ ପାଇଁ ଅନୁରୋଧ ଜଣାଇଛନ୍ତି । ଏହାପରେ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଘଟଣା ସଂପର୍କରେ ଅଲୋଚନା କରି ସମାଧାନ ପାଇଁ ଦାବୀ କରିଛନ୍ତି । ରାଜ୍ୟପାଳଙ୍କୁ ଭେଟିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଛନ୍ତି ଯେ ବରଗଡଠାରେ ମୁଖ୍ୟମନ୍ତ୍ରୀ ନୂତନ ଜିଲ୍ଲା ଚିକିତ୍ସାଳୟ ଗୃହର ଉଦଘାଟନ କରିଥିଲେ । ଜିଲ୍ଲା ଚିକିତ୍ସାଳୟ ପୌରାଚଂଳ ବାହାରେ ଅବସ୍ଥାପିତ କରାଯାଇଛି । ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ଗମନାଗମନ ବ୍ୟବସ୍ଥା ନାହିଁ । ଏଣୁ ଏଥି ପ୍ରତି ରାଜ୍ୟସରକାର ଧାନ ଦେବାର ଆବଶ୍ୟକତା ରହିଛି । ପୁରୁଣା ଜିଲ୍ଲା ଚିକିତ୍ସାଳୟକୁ ୨୪ ଘଂଟିଆ ସେବା ଯୋଗାଉଥିବା ସିଟି ହସ୍ପିଟାଲ ଭାବେ ମାନ୍ୟତାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଉ । ଏହା ଦ୍ୱାରା ଗମ୍ଭୀର ଭାବେ ରୋଗାଗ୍ରସ୍ତ ହୋଇଥିବା ବ୍ୟକ୍ତିଟି ଜରୁରୀକାଳିନ ପରିସ୍ଥିତିରେ ସିଟି ହସ୍ପିଟାଲକୁ ଯାଇ ଚିକିତ୍ସିତ ହୋଇପାରିବ । ଏହା ସହ ରାଜ୍ୟ ସରକାର ଖାଲି ପଡିଥିବା ଡାକ୍ତର ପଦବୀ ଏବଂ ଆବଶ୍ୟକୀୟ ଆନୁସଙ୍ଗୀୟ ଯନ୍ତ୍ରପାତି ଯୋଗାଇ ଦେବାକୁ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି । ବରଗଡରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛନ୍ତି । ପୂର୍ବରୁ ଏଥି ପ୍ରତି ଧ୍ୟାନ ଦେବା ପାଇଁ ଶ୍ରୀ ପୂଜାରୀ ସଂସଦରେ ବାରମ୍ବାର ଦାବୀ କରିଛନ୍ତି । କ୍ୟାନସର ରୋଗର କାରଣ ଏବଂ ଏହାର ନିରାକରଣ କରିବା ପାଇଁ ଗବେଷଣା କେନ୍ଦ୍ରର ଆବଶ୍ୟକତା ରହିଛି । ବରଗଡଠାରେ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ସହ ଗବେଷଣା କେନ୍ଦ୍ରର ଆବଶ୍ୟକତା ରହିଛି । ମୁଖ୍ୟମନ୍ତ୍ରୀ ନିର୍ବାଚନ ପୂର୍ବରୁ କ୍ୟାନସର ହସ୍ପିଟାଲ କରିବା ପାଇଁ ଘୋଷଣା କରିଥଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନହୋଇ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ତୁରନ୍ତ ରାଜ୍ୟସରକାର ଆଧୁନିକ କ୍ୟାନସର ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ନିର୍ମାଣ କରନ୍ତୁ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର, ବରଗଡ ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ରାଜ୍ୟ ସଂପାଦିକା ସବିତା ନନ୍ଦ, ସୁରେଶ୍ୱର ଶତପଥୀ, ସୁଶାନ୍ତ ମିଶ୍ର, ରବିନାରାୟଣ ଦାଶ, ଅଶୋକ ପଣ୍ଡା, ସୀମାଂଚଳ ଖଟେଇ, ଇରାଶୀଷ ଆଚାର୍ଯ୍ୟ, ଡ.ଅରୁପାନନ୍ଦ ସାହୁ, ଅବନୀକାନ୍ତ ପଣ୍ଡା, ମାନଓ ରଂଜନ ବକ୍ସି, ଦେବେଶ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡିଶା ବନ୍ଦ

ଭୁବନେଶ୍ୱର, ୫।୨(ପି.ଏନ): ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ବୁଧବାର ଦିନ ମିଳିତ ଓକିଲ ସଂଘର ଆହ୍ୱାନ କ୍ରମେ ପଶ୍ଚିମ ଓଡ଼ିଶାରେ ବନ୍ଦ ପାଳନ କରାଯାଇଛି । ଏହି ବନ୍ଦକୁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଂଗଠନ ମାନେ ସମର୍ଥନ ଦେଉଛନ୍ତି । ଏହାଦ୍ୱାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ଜଣା ପଡିଛି । ବନ୍ଦ କାରଣରୁ ସମ୍ବଲପୁର, ବଲାଙ୍ଗୀର, ବରଗଡ. ବୌଦ୍ଧ ଓ ଝାରସୁଗୁଡା, ସୁବର୍ଣ୍ଣପୁର ପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଦୋକାନ ବଜାର, ବ୍ୟାବସାୟିକ ପ୍ରତିଷ୍ଠାନ ଓ ଯାତାୟାତ ବ୍ୟବସ୍ଥା ବନ୍ଦ ଯୋଗୁ ପ୍ରଭାବିତ ହୋଇଥିବା ଜଣାପଡିଛି । ବୁଧବାର ସକାଳୁ ହିଁ ଏହାର ପ୍ରଭାବ ସମ୍ବଲପୁର ସମେତ ବୌଦ୍ଧ ଓ ଝାରସୁଗୁଡ଼ାରେ ଦେଖିବାକୁ ମିଳଥିଲା । ସମ୍ବଲପୁରର କ୍ଷେତରାଜପୁର ରେଳ ଷ୍ଟେସନରେ ଆନ୍ଦୋଳନକାରୀମାନେ ପହଂଚି ବିକ୍ଷୋଭ କରିବା ସହ ସମ୍ବଲପୁର-ପୁରୀ ଇଂଟରସିଟି ଏକ୍ସପ୍ରେସକୁ ଅଟକାଇଥିଲେ । ବନ୍ଦକୁ ସଫଳ କରିବା ପାଇଁ ବନ୍ଦ ସମର୍ଥକ ମାନେ ପଶ୍ଚିମ ଓଡିଶାର ବିଭିନ୍ନ ସହରର ଛକ ମାନଙ୍କରେ ପିକେଟିଂ କରୁଥିବା ଦେଖାଯାଇଛି । ସେହିପରି ବୌଦ୍ଧରେ, ଦୋକାନ ବଜାର ଓ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଛି । ଝାରସୁଗୁଡ଼ାରେ ମଧ ୧୨ ଘଂଟିଆ । ବନ୍ଦ ପାଳନ କରାଯାଇଛି । ଓକିଲ ସଂଘର ଏହି ବନ୍ଦ ଡାକରାକୁ ବିଭିନ୍ନ ରାଜନୈତିକ ଦଳ ଓ ସାଧାରଣ ଜନତା ସମର୍ଥନ କରିଥିବା ଆନ୍ଦୋଳକାରୀ ମାନେ କହିଛନ୍ତି ।







# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି। ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି। ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି। ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ।



ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ। ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ। ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ।

## ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଶ୍ରୀ ଗଣେଷ ମହୋତ୍ସବ ୨୦୧୯ବର୍ଷ ପାଇଁ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀ ଗଣେଷ ମହାପ୍ରଭୁଙ୍କ ପୂଜା ମହାଆଡମ୍ବରରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଆଜି ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପରିସରରେ କମିଟିର ବାର୍ତ୍ତା ସମ୍ପାଦକ ଶ୍ରୀ ଦେବବ୍ରତ ମହାନ୍ତିଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ବିଶିଷ୍ଟ ସମାଜସେବୀ ତଥା କମିଟିର ସମ୍ପାଦକ ଶ୍ରୀ ସାଗର ବଳବନ୍ତରାୟ ସଭାପତିତ୍ୱ କରି କହିଛନ୍ତି ଯେ, ଚଳିତବର୍ଷ ଶ୍ରୀ ଗଣେଷ ପୂଜାକୁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ କରିବା ପାଇଁ ଉଭୟ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ସଦସ୍ୟମାନେ ଯୋଜନା କରିଛନ୍ତି ଓ ତଦନୁସାରେ କାର୍ଯ୍ୟ ଆଗେଇ ଚାଲିଛି। ଏଥିପାଇଁ ନୟାପଲ୍ଲୀର ନୂଆସାହିରେ ତିଆରି ଚାଲିଛି ୩୫ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଷଙ୍କ ପ୍ରତିମା। କଲିକତାର କାରିଗରମାନେ ଦୀର୍ଘ ଏକମାସ ଧରି ଶ୍ରୀଗଣେଷଙ୍କ ପ୍ରତିମା ପ୍ରସ୍ତୁତିରେ ଲାଗିଛନ୍ତି ଏବଂ ପ୍ରତିମାରେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି। ଏବର୍ଷ ପୂଜାରେ ଶ୍ରୀ ଗଣେଷଙ୍କୁ ୩୫କିଲୋଗ୍ରାମ୍ ଓଜନ ବିଶିଷ୍ଟ ଲଡୁ ଭୋଗ ଅର୍ପଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକମାନଙ୍କ ମନ ମୋହିବ ବୋଲି ଆଶା କରାଯାଉଛି। ଆସନ୍ତାମାସ ୭ତାରିଖ ଶନିବାର ଦିନ ପୂଜାର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବା ସହ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସମାଦସେବନର ସୁବ୍ୟବସ୍ଥା କରାଯାଇଛି। ଏତଦ୍ ଭିନ୍ନ ପୂଜାରେ ପରିବେଶକୁ ସୁରକ୍ଷା ଦେବାପାଇଁ ବୃକ୍ଷରୋପଣର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି। ତା ୦୮.୦୯.୨୦୧୯ ରବିବାର ଦିନ ଶ୍ରୀଗଣେଷ ମହାପ୍ରଭୁଙ୍କ ବିସର୍ଜନ ପର୍ବ ମହାଆଡମ୍ବରରେ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୁମନ୍ତ ସାମନ୍ତରାୟ, ରାକେଶ ମହାନ୍ତି, ସୁଜିତ୍ ରାୟ,ସନ୍ତୋଷ କୁମାର ସାହୁ, ବିଦ୍ୟାଧର ବେହେରା, ସିଟୁ ବଳବ'ରାୟ, ବିଶ୍ୱଜିତ୍ ବଳବ'ରାୟ ପ୍ରମୁଖ ଉପସ୍ଥିତ ଥିଲେ ବୋଲି କମିଟିର ସହ ବାର୍ତ୍ତା ସମ୍ପାଦକ ବାଦଲ ପରିଡା ସୂଚନା ଦେଇଛନ୍ତି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ। ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।



## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।





## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।



# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ। ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ। ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ। ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ। ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ। ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ୍ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ୍ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।



## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି। କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ। ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍। ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ। ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍। ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍। କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍। ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ। କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍। ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ।






# କୋରାପୁଟର ଗାନ୍ଧୀ: ରାଧାକୃଷ୍ଣ ବିଶ୍ୱାସରାୟ



ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କ୍ରାନ୍ତିକାରୀ ଅହିଂସାର ଆନ୍ଦୋଳନକୁ ପାଥେୟକରି ଲକ୍ଷ ଲକ୍ଷ ଭାରତୀୟ ଭାରତବର୍ଷରୁ ବ୍ରିଟିଶମାନଙ୍କୁ ବିତାଡ଼ିତ କରିବା ପାଇଁ ଯେଉଁ ଆନ୍ଦୋଳନରେ ସାମିଲ ହୋଇଥିଲେ ସେଥିରେ ଗାନ୍ଧିଜୀଙ୍କ ସହକର୍ମୀ, ଅନୁଗାମୀ ଓ ବିଶ୍ୱାସୀମାନଙ୍କ ସଂଖ୍ୟାତ ଅଗଣିତ ରହିଥିଲା। ତେବେ ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ମହାତ୍ମା ଗାନ୍ଧୀଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇ ନିଜକୁ ଦେଶ ମା'ର ସେବା ପାଇଁ ସମର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଅନେକ ଏହିପରି ମହନୀୟ ବ୍ୟକ୍ତିତ୍ୱମାନେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସଂଗ୍ରାମୀ ଭାବେ ନିଜକୁ ସମାଜ ସାମ୍ନାକୁ ନ ଆଣି ବରଂ ଚୁପ୍‌ଚାପ ନିଜ ପରିଣତ ବୟସକୁ ବିତାଇଥିଲେ। ସେହିପରି ଜଣେ ବିଶିଷ୍ଟ ସଂଗ୍ରାମୀ ଓ ଗାନ୍ଧୀବାଦୀ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟତମ। ପ୍ରାକ୍ ସ୍ୱାଧୀନତା କାଳରେ ଅବିଭକ୍ତ କୋରାପୁଟ ଅଞ୍ଚଳର ଜନଜାତି ସଂପ୍ରଦାୟ ମଧ୍ୟରେ ସ୍ୱାଧୀନତାର ଚେତନା ଜାଗ୍ରତ କରିବା ପାଇଁ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟତମ। ତାଙ୍କୁ କୋରାପୁଟ ଗାନ୍ଧୀ କୁହାଯାଏ। ନୈତିକତାପୂର୍ଣ୍ଣ ମୂଲ୍ୟବୋଧ ରାଜନୀତିରେ ତାଙ୍କର ବିଶ୍ୱାସ ଥିଲା। ଆଜୀବନ ସରଳ ଜୀବନଯାପନ କରିଥିଲେ। ରାଜନୈତିକ ଛନ୍ଦକପଟ, ଷଡ଼ଯନ୍ତ୍ର, ବିଶ୍ୱାସଘାତକତା ଆଦି ଜଣା ନଥିବାରୁ କ୍ଷମତା ରାଜନୀତିରେ ସେ ତିଷ୍ଠିପାରି ନଥିଲେ। ଏକଦା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ହରାଇ ପ୍ରଦେଶ କଂଗ୍ରେସର ସଭାପତି ଆସନ ଅଳଙ୍କୃତ କରିଥିବା ରାଧାକୃଷ୍ଣଙ୍କ ସକ୍ରିୟ ରାଜନୈତିକ ଜୀବନ ଅତି ସଂକ୍ଷିପ୍ତ ଥିଲା। ଅନେକ ପାଠକ ହୁଏତ ଯେ, ସେ ଥରଟିଏ ସ୍ୱଳ୍ପ କାଳ ପାଇଁ ରାଜ୍ୟର ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସେହି ସମୟରେ ପତିତ ଦଳିତଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ୧୯୫୪-୫୭ ଯାଏ ସେ ରାଜ୍ୟସଭା ସଦସ୍ୟ ଥିଲେ। ତେବେ କଂଗ୍ରେସ ଦଳ ମଧ୍ୟରେ ନୀତି ଆଦର୍ଶରେ ବିଚ୍ୟୁତି ଘଟୁଥିବା ଦେଖି ପ୍ରଥମେ କଂଗ୍ରେସ ତ୍ୟାଗ କରିଥିଲେ ଏବଂ ୧୯୫୭ରେ ସକ୍ରିୟ ରାଜନୀତିରୁ ସୁଦ୍ଧା ଦୂରେଇ ଯାଇଥିଲେ। ତାହାପରେ ମହାତ୍ମା ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ କୋରାପୁଟ ଜନଜାତି ସଂପ୍ରଦାୟର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ସମାଜରୁ ଜାତିବାଦ, ନିଶାନିବାରଣ, ନାରୀ ଶିକ୍ଷା ଓ ଶୋଭନୀୟତାର ବାର୍ତ୍ତାକୁ ପ୍ରଚାର ପ୍ରସାର ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ। ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପାର୍ବତୀପୁରମରେ ରାଧାକୃଷ୍ଣଙ୍କ ଜନ୍ମ ହୋଇଥିଲା। ତାଙ୍କ ମୂଳ ନାମ ଥିଲା ରାଧାକୃଷ୍ଣ ସାହୁ। ମଉସା ଦାମୋଦର ବିଶ୍ୱାସରାୟ ତାଙ୍କୁ ଶୈଶବରେ ପୋଷ୍ୟ କରିନେବା ଯୋଗୁଁ ସାଙ୍ଗିଆ ବଦଳିଥିଲା। ଜୟପୁରରେ ତାଙ୍କ ବିଦ୍ୟାର୍ଥୀ ଜୀବନ କଟିଥିଲା। ଅର୍ଥାଭାବରୁ ସେ ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ବ୍ରିଟିଶ ଶାସନ ବ୍ୟବସ୍ଥାରେ ଜଣେ ସାଧାରଣ କିରାଣି ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ତେବେ ସ୍ୱାଧୀନତାର ଆହ୍ୱାନ ଏବଂ ଆଦିବାସୀଙ୍କ ଦୁର୍ଦ୍ଦଶା ବ୍ୟଥିତ କରିବାରୁ ଚାକିରି ଛାଡ଼ି ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୮୪ ମସିହା ଫେବୃୟାରୀ ୫ ତାରିଖରେ ଏହିପରି ଜଣେ ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀ ତଥା ବୀର ଓଡ଼ିଆଙ୍କ ଦେହାବସାନ ଘଟିଥିଲା।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦**

## ଜାପାନରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବାଲିଚନ୍ଦ୍ରପୁର (ପିଏନ୍): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ପଞ୍ଚାୟତ ପଠାନମହଲ୍ଲା ଗ୍ରାମର ସେକ୍ ବାରୁଦିନ୍ (୩୮)ଙ୍କର ଜାପାନରେ ମୃତ୍ୟୁ ଘଟିଛି। ଦୀର୍ଘ ୫ ବର୍ଷ ହେବ ସେ ଜାପାନର ରାଜଧାନୀ ଟୋକିୟୋ ସହରରେ ଏକ ଘରୋଇ ରେଷ୍ଟୁରା ରେ କାର୍ଯ୍ୟ କରୁଥିଲେ। ଗତ ୨୯ ତାରିଖ ବୁଧବାର ଦିନ ପରିବାରଲୋକଙ୍କ ସହିତ ଭଲରେ କଥା ହୋଇଥିବା ବେଳେ ଗୁରୁବାର ଦିନ ସକାଳ ୮ଟାରେ ଫୋନ ଆସିଲା ତାଙ୍କର ମୃତ୍ୟୁ ହୋଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଜାପାନ ଠାରେ ଉକ୍ତ ରେଷ୍ଟୁରା କୁ ପୋଲିସ ସିଜ୍ କରିଥିବା ନେଇ ସେଠାରେ ରହୁଥିବା ପ୍ରବାସୀ ଭାରତୀୟ ସୂଚନା ଦେଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଖବର ମିଳିବା ପରେ ସମଗ୍ର ନଳୀପୁର ଓ ଚାରିନଙ୍ଗଳ ପଞ୍ଚାୟତରେ ଶୋକ ର ଛାୟା ଖେଳି ଯାଇଛି। ପ୍ରକାଶ ଥାଉ କି ସେହି ରେଷ୍ଟୁରା ରେ କାର୍ଯ୍ୟ କରୁଥିବା ପଶ୍ଚିମବଙ୍ଗ ମେଦିନୀପୁରର ସେକ୍ ମୁମ୍‌ତାଜଙ୍କର ଏକାସାଙ୍ଗେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବାରୁଦ୍ଦିନ୍‌ଙ୍କ ମୃତଦେହ କିପରି ଗ୍ରାମ ଓ ପରିବାର ପାଖକୁ ଆସିପାରିବ, ସେଥିନେଇ ତାଙ୍କ ପରିବାରବର୍ଗ ଓଡ଼ିଶା ଓ ଭାରତ ସରକାରଙ୍କୁ ନିବେଦନ କରଛନ୍ତି।

## ଦିଲ୍ଲୀ ନିର୍ବାଚନ ପ୍ରଚାରରେ ବଡ଼ଚଣା ବିଜେପି ନେତା ଅମର

ବାଲିଚନ୍ଦ୍ରପୁର (ପିଏନ୍): ଆସନ୍ତା ଫେବୃୟାରୀ ୮ ତାରିଖରେ ଦିଲ୍ଲୀ ବିଧାନସଭାର ନିର୍ବାଚନ ହେବାକୁ ଥିବାବେଳେ ଏଠାରେ ବିଜେପି ସପକ୍ଷରେ ପ୍ରଚାର କରିବା ପାଇଁ ବଡ଼ଚଣାର ବିଜେପି ନେତା ଅମର ନାୟକ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଗତ ମାସ ୨୫ ତାରିଖରୁ ଏକ ୨୨ ଜଣିଆ ଟିମ୍ ସେଠାରେ ପହଞ୍ଚି ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ତେବେ ଦିଲ୍ଲୀରେ ଆମ୍ ଆଦମ୍ୀ ପାର୍ଟିର ଦୃଢ଼ ସଂଗଠନ ଓ ସରକାର ଅଛି। ଏପରିସ୍ଥଳେ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ଭେଟି ଏକତ୍ରିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଦକ୍ଷତା, ବରିଷ୍ଠ ନେତୃତ୍ୱ ଓ ସୁଶାସନ ସଂପର୍କରେ ବୁଝାଇ ଦଳ ସପକ୍ଷରେ ମତ ଦେବା ପାଇଁ ନିବେଦନ କରୁଛନ୍ତି। ତେବେ ରାଜ୍ୟ ନେତୃତ୍ୱ ଶ୍ରୀ ନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ଦିଲ୍ଲୀ ନିର୍ବାଚନ ପ୍ରଚାରକୁ ପଠାଇଥିବାରୁ ବଡ଼ଚଣା ବିଜେପି ପକ୍ଷରୁ ରାଜ୍ୟ ନେତୃତ୍ୱମଣ୍ଡଳୀମାନଙ୍କୁ କୃତଜ୍ଞତା ଜଣାଯାଇଛି।

## ମହିଳା ଶିଶୁ ବିକାଶ ଅଧିକାରିଣୀଙ୍କ ଅବସର ଗ୍ରହଣ

ବାଲିଚନ୍ଦ୍ରପୁର (ପିଏନ୍): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ମହିଳା ଶିଶୁ ବିକାଶ ଅଧିକାରିଣୀ (ଗ୍ରାମୀଣ-୨) କୁସୁମ ମଞ୍ଜରୀ ମହାରଣା ସରକାରୀ କାର୍ଯ୍ୟରୁ ଅବସର ନେଇଛନ୍ତି। ଏହି ଅବସରରେ ବାଲିଚନ୍ଦ୍ରପୁରସ୍ଥିତ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ମହିଳା ଶିଶୁ ବିକାଶ ବିଭାଗ ବାଲିଚନ୍ଦ୍ରପୁରର ପର୍ଯ୍ୟବେକ୍ଷକ ନଳିନୀପ୍ରଭା ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଶ୍ରୀମତୀ ମହାରଣାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାଲିଚନ୍ଦ୍ରପୁର ସମିତିସଭ୍ୟ ଅମିୟ କୁମାର ବିଶ୍ୱାଳ, ସମାଜସେବୀ ପ୍ରକାଶ ଚନ୍ଦ୍ର ସାମଲ, ସନ୍ଧ୍ୟାରାଣୀ ସାହୁ, ପ୍ରମିଳା ସାହୁ, ମିଶନ୍ ଶକ୍ତି ସଂଯୋଜକ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ମହିଳା ମିଶନ୍ ଶକ୍ତି (ଗ୍ରାମାଞ୍ଚଳ-୨)ର ମାଧବୀ ବିଶ୍ୱାଳ, ପ୍ରମିଳା ଜେନା ଏବଂ ଅଙ୍ଗନୱାଡ଼ୀର କର୍ମୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

# କରୋନା ଭୂତାଣୁ ସଂକ୍ରମଣ ଓ ଶିଶୁ ସ୍ୱାସ୍ଥ୍ୟ



ଭୟାବହ କରୋନା ଭୂତାଣୁ ତା କାୟା ମେଲାଇ ଚାଲିଛି। ଯଦିଓ ଭାରତ ପାଇଁ ବା ଆମ ଓଡ଼ିଶା ପାଇଁ ଏ ବିପଦ ଆସିନାହିଁ ତଥାପି ଏହା ସ୍ୱାସ୍ଥ୍ୟଗତ କ୍ଷେତ୍ର ପାଇଁ ଅତି ଜଟିଳ ପରିସ୍ଥିତି ସୃଷ୍ଟି କରିବାର କ୍ଷମତା ରଖିଥିବାରୁ ଏହାକୁ ନେଇ ସାଧାରଣରେ ଉଦ୍‌ବେଗ, ଆଶଙ୍କା ବଢ଼ିବା ମଧ୍ୟ ସ୍ୱାଭାବିକ। କାରଣ ଏହାକୁ ନିୟନ୍ତ୍ରଣ କରାନଗଲେ ମଣିଷ ଠାରୁ ମଣିଷକୁ ଓ ପଶୁ ମାନଙ୍କ ଠାରୁ ମଣିଷକୁ ବ୍ୟାପୁଥିବା ଏହି ଘାତକ ଶ୍ୱାସପ୍ରଶ୍ୱାସ ଜନିତ ସଂକ୍ରମଣ ଖୁବ୍ ଶୀଘ୍ର ଏକ ବିରାଟ ମହାମାରୀର ରୂପ ନେଇପାରେ। ୨୦୦୨-୦୩ରେ ଚୀନରେ ସର୍ସ୍ ଭୂତାଣୁ ୫୦ଜଣ ବ୍ୟକ୍ତିଙ୍କ ଜୀବନ ନେଇଥିଲା। ଏହାର ୧୮ ବର୍ଷ ପରେ କରୋନା ଭୂତାଣୁ ସଂକ୍ରମଣ ଚୀନରେ ଏକ ପ୍ରକାର ସ୍ୱାସ୍ଥ୍ୟଗତ ଜରୁରୀ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ତେବେ ଉଲ୍ଲେଖନୀୟ ପ୍ରସଙ୍ଗ ହେଉଛି ଜଗତ୍‌କରଣର ଏ ସମୟରେ ଏକ ସଂକ୍ରମଣର ପ୍ରଭାବ ଖୁବ୍ ଶୀଘ୍ର ବିଶ୍ୱବ୍ୟାପୀ ହୋଇପାରେ। ଏହାର ଏକ ଅତି ଭୟାବହ ରୂପ ଦେଖିବାକୁ ମିଳିଥିଲା ୨୦୦୯ ମସିହାରେ। ଯେଉଁ ସମୟରେ ସ୍ୱାଇନ୍‌ଫ୍ଲୁ ସାରା ବିଶ୍ୱରେ ବ୍ୟାପୀ ଯାଇ ଅନେକ ଲୋକଙ୍କ ପ୍ରାଣ ନେଇଥିଲା। ସ୍ୱାଇନ୍‌ଫ୍ଲୁ ଯୁକ୍ତରାଷ୍ଟ୍ର ଆମେରିକାରୁ ଅନ୍ୟତ୍ର ବ୍ୟାପିଥିଲା। ସେହିପରି ଆଫ୍ରିକାର କଙ୍ଗୋରେ ଘାତକ ଇବୋଲା ସଂକ୍ରମଣ ଆଫ୍ରିକା ଭିତରେ ସୀମିତ ରହିଯାଇଥିଲା। କାରଣ ଜଗତ୍‌କରଣର ପ୍ରଭାବଜନିତ ନାଗରିକ ମାନଙ୍କ ବିଶ୍ୱବ୍ୟାପୀ ଚଳପ୍ରଚଳର ଧାରାରୁ କଙ୍ଗୋ ଏବେ ସୁଦ୍ଧା ବାହାରେ ରହିଛି।

କରୋନା ଭୂତାଣୁରେ ସଂକ୍ରମିତ ବ୍ୟକ୍ତି ବା ପିଲା ତାଙ୍କ ନାକରୁ ପାଣି ବାହାରିଥାଏ ଏହା ସହ ମୁଣ୍ଡ ବିନ୍ଧିବା, ବିଭିନ୍ନ ଅଙ୍ଗ କାମ ନକରିବା, ଜ୍ୱର ଲାଗିରହିବା ଓ କାଶ ହେଉଛି ବଡ଼ ଲକ୍ଷଣ। ଏହି ଲକ୍ଷଣଟି ନିମୋନିଆ ରୋଗ ପରି ସମାନ ଲକ୍ଷଣ ହୋଇଥିବାରୁ ନାକ ଓ ଗଳାରୁ ବାହାରୁଥିବା ପାଣି ଓ ରକ୍ତ ପରୀକ୍ଷା ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ଜନିତ ସର୍ଦ୍ଦିକୁ ଚିହ୍ନଟ କରାଯାଇପାରେ। ସଂକ୍ରମଣ ଜନିତ ଲକ୍ଷଣ ସ୍ୱଳ୍ପ ଦିନ ମଧ୍ୟରେ ଶେଷ ହୋଇଯାଉଥିବାରୁ ଉକ୍ତ ପରୀକ୍ଷା ଲକ୍ଷଣ ଗୁଡ଼ିକର ଉପଚାର ଦିଗରେ ବିଶେଷ ସହାୟକ ହୋଇନଥାଏ। ଯଦି କରୋନା ଭୂତାଣୁ ପିଲାଟିର ଶ୍ୱାସନଳୀର ତଳ ଭାଗକୁ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ବ୍ୟାପୀଯାଏ ତାହାହେଲେ ପିଲାଟି ନିମୋନିଆର ସହଜ ଶିକାର ହୋଇଥାଏ। କେବଳ ରୋଗପ୍ରତିରୋଧକ ଶକ୍ତି କମ୍ ଥିଲେ ନୁହେଁ ପିଲାଟି ପୂର୍ବରୁ ହୃଦ୍‌ରୋଗର ସମସ୍ୟା ସାମ୍ନା କରୁଥିଲେ ଏହି କରୋନାର ଶିକାର ହେବା ସହଜ ହୋଇଯାଏ। ପିଲାମାନଙ୍କର ଏ ସମସ୍ୟା ବେଳେ କାନରୁ ପାଣି ବା ପୂଜ ମଧ୍ୟ ବାହାରେ। ଗଳାରେ ଅସ୍ୱାଭାବିକତା ଲାଗିରହିଥାଏ। କରୋନା ଭୂତାଣୁର ଆପେକ୍ଷିକ ଆକାର ବଡ଼। ପଶୁଙ୍କ ଠାରେ ଏହା ସାଧାରଣତଃ ଦେଖିବାକୁ ମିଳିଥାଏ। ଏହି ଭୂତାଣୁ ପଶୁ ମାନଙ୍କ ଠାରୁ ମଣିଷଙ୍କୁ ସଂକ୍ରମିତ କରିଥାଏ। ବିଶେଷକରି ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା କମ୍ ବୟସର ପିଲାଙ୍କ କ୍ଷେତ୍ରରେ ଭୂତାଣୁ ଯୋଗୁଁ ନିମୋନିଆ ଓ ବ୍ରୋଙ୍କାଇଟିସ୍ ଭଳି ଶ୍ୱାସକ୍ରିୟାଜନିତ ସମସ୍ୟା ସୃଷ୍ଟି କରିଥାଏ। ପିଲାଟିର କାଶ ଓ ଛିଙ୍କ ଜରିଆରେ ଭୂତାଣୁ ବାୟୁମଣ୍ଡଳକୁ ଆସିଥାଏ। କେବଳ ସେତିକି ନୁହେଁ ସଂକ୍ରମିତ ପିଲାଟିର ସଂସ୍ପର୍ଶରେ ଆସିବା କିମ୍ବା ସେମାନଙ୍କ ସହ ହାତ ମିଳାଇବା ଦ୍ୱାରା ମଧ୍ୟ ଭୂତାଣୁ ବ୍ୟାପୀଥାଏ। ତେଣୁ ଯଥା ସମ୍ଭବ ହାତକୁ ସାବୁନ୍‌ରେ ସଫା କରିବା ସହିତ କାଶ ଓ ଛିଙ୍କ ସମୟରେ ମୁହଁକୁ ରୁମାଲରେ ଘୋଡ଼ାଇ ରଖିବା ଜରୁରୀ। ପିଲାମାନେ ମାଂସ ବା ଅଣ୍ଡା ଖାଉଥିଲେ ଭଲ ଭାବେ ସିଝାଇ ଖାଇବା ପାଇଁ ଦିଅନ୍ତୁ। ପଶୁପକ୍ଷୀଙ୍କ ଠାରୁ ଦୂରେଇ ରଖନ୍ତୁ। ଗରମ ପାଣି କିମ୍ବା ସାବୁନ କିମ୍ବା ସାନିଟାଇଜରରେ ଅତିକମ୍‌ରେ କୋଡିଏ ସେକେଣ୍ଡ ପର୍ଯ୍ୟନ୍ତ ପିଲାଟିର ହାତ ଭଲ ଭାବେ ସଫା କରିବା ଦରକାର। ନାକ, ଆଖି ଓ ପାଟିରେ ହାତ ଓ ଆଙ୍ଗୁଳି ନ ଛୁଇଁବା ଉଚିତ। ଦୂରଯାତ୍ରା କରୁଥିଲେ ମୁହଁରେ ମାକ୍ସ ପିନ୍ଧାନ୍ତୁ। ଅଳିଆ ଆବର୍ଜନା ସ୍ଥାନରେ କିମ୍ବା ପଶୁପକ୍ଷୀ କଟା ଯାଉଥିବା ସ୍ଥାନରେ ଏହି ଭୂତାଣୁ ସୃଷ୍ଟିର ସମ୍ଭାବନା ରହୁଥିବାରୁ ଏହି ଦୁର୍ଗନ୍ଧମୟ ପରିବେଶକୁ ସବୁବେଳେ ସଫା ରଖିବା ଉଚିତ। ପଚାଷଢ଼ା ଅଞ୍ଚଳରେ ସଂକ୍ରମଣର ବଡ଼ ଆଶଙ୍କା ରହୁଥିବାରୁ ପିଲାମାନଙ୍କୁ ସେ ସ୍ଥାନରୁ ଯଥେଷ୍ଟ ଦୂରରେ ରଖନ୍ତୁ।

ଏହି କରୋନା ଭୂତାଣୁ ସଂକ୍ରମଣ ପିଲାଟିଙ୍କୁ କୌଣସି ପ୍ରକାର ଆ ିବାୟୋଟିକ୍ କାମ କରେନାହିଁ। ଜୀବଜନ୍ତୁଙ୍କ ଠାରୁ ବ୍ୟାପୁଥିବା ଏହି ଭୂତାଣୁ ସଂକ୍ରମଣ ସିଭିଅର ଆକ୍ୟୁଟ ରେସ୍‌ପିରେଟୋରି ସିଣ୍ଡ୍ରୋମ ଏବଂ ମିଡ଼ଲ ଇଷ୍ଟର୍ଣ୍ଣ ରେସ୍‌ପିରେଟୋରି ସିଣ୍ଡ୍ରୋମ ପରି ଉଭୟ ପ୍ରକାର ଲକ୍ଷଣ ପ୍ରକାଶ କରେ। ମେସ ସଂକ୍ରମଣ ଆଫ୍ରିକା ଏବଂ ଏସୀୟ ଓଟ ଠାରୁ ମଣିଷଙ୍କୁ ବ୍ୟାପିଥାଏ। ବାଦୁଡ଼ି ପରି ଜୀବରେ ଉଭୟ ପ୍ରକାର ସିଣ୍ଡ୍ରୋମ ଦେଖାଯାଇଥାଏ। ପୂର୍ବରୁ ନିପା ଭୂତାଣୁ ବାଦୁଡ଼ି ଦ୍ୱାରା ବ୍ୟାପିଥିବା ଜଣାପଡ଼ିଥିଲା। ତେବେ କରୋନା ଭୂତାଣୁ ବାଦୁଡ଼ି ଦ୍ୱାରା ମଣିଷଙ୍କୁ ଆକ୍ରାନ୍ତ କରିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କରୋନା ଭାଇରସ ହେଉଛି ଏକ ପ୍ରଜାତିର ଭାଇରସ ଯାହା କେବଳ ମଣିଷ ନୁହେଁ ବିଭିନ୍ନ ପଶୁ ଏପରିକି କୁକୁଡ଼ା, କୁକୁର, ସାପ, ଗୋରୁ, ମୂଷା, ଆଦିଙ୍କ ଦେହରେ ପ୍ରବେଶ କରିଥାଏ ଓ ସେମାନଙ୍କ ଦେହରେ ନିଜ ବଂଶ ବଢ଼ାଇଥାଏ। ଏହାକୁ ରାଇବୋ ନ୍ୟୁକ୍ଲିକ୍ ଏସିଡ଼କୁ ବୁଝାଇଥାଏ। ଏହି ଭାଇରସ ଯାହା ଦେହରେ ପ୍ରବେଶ କରେ ତାଙ୍କ କୋଷିକା ଭିତରକୁ ଯାଇ ବଂଶ ବଢ଼ାଇବା ସହ ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତର ପ୍ରଭାବିତ କରିଥାଏ। ଏହାର ଉଦ୍‌ବେଗଜନକ ସ୍ଥିତି ହେଉଛି ଏହା ଯେ ପିଲାଟିର ନିଃଶ୍ୱାସ ପ୍ରଶ୍ୱାସ ସହ ସଂପୃକ୍ତ ଅଙ୍ଗଗୁଡ଼ିକର କୋଷିକା ଖାସ୍ କରି ନାକର କୋଷିକାକୁ ନିଜର ବାସସ୍ଥାନ ଭାବେ ବ୍ୟବହାର କରେ। ଉକ୍ତ କୋଷିକା ଏହି ଭାଇରସ ଦ୍ୱାରା ସଂକ୍ରମିତ ହୋଇ ଫାଟିଯିବା ପରେ ଆଖପାଖର ଅନ୍ୟ କୋଷିକା ଗୁଡ଼ିକ ବି ଏଥିରେ ଆକ୍ରାନ୍ତ ହୁଅନ୍ତି। ଏହାର ଚିକିତ୍ସା ପାଇଁ କୌଣସି ଟୀକା କିମ୍ବା ଔଷଧ ନାହିଁ ତେଣୁ ପିଲାମାନେ ଏହାର ସହଜ ଶିକାର ହେଲେ ଏହି ଭାଇରସକୁ କେବଳ ଆ ିବାୟୋଟିକ ଦେଇ ନଷ୍ଟ କରାଯାଇପାରିବ ନାହିଁ। ମାତ୍ର ଆ ିଭାଇରାଲ ଔଷଧ ଦେଇ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରୁଥିବା କରୋନା ଭୂତାଣୁ ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗମ୍ଭୀରତାର ସହ ନେଇ ତତ୍ପରତା ଦେଖାଇଛନ୍ତି। ହସ୍ପିଟାଲରେ ଆଇସ୍ୟୁଲେସନ ୱାର୍ଡ଼ ସହ ବିମାନ ବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା କରିଛନ୍ତି। ଚବିଶ ଘ ିଆ କ ୍ରୋଲରୁମ୍ ସହ କଟକ ବଡ଼ମେଡ଼ିକାଲ, ବୁର୍ଲ୍ଲାର ଭୀମସାର ଓ ଝାରସୁଗୁଡ଼ାର ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ କରୋନା ଭୂତାଣୁ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ଼ ଖୋଲାଯାଇଛି। ରାଜ୍ୟରେ କରୋନା ଭୂତାଣୁ ପଜିଟିଭ ଆସିବାର ଆଶଙ୍କା ବହୁତ କମ୍। ତେବେ ବଡ଼ କଥା ହେଉଛି କରୋନା ଭୂତାଣୁ ଯେତିକି ଭୟଭୀତ ନକରିବ ଏହାକୁ ନେଇ ଆପଣମାନେ ଭୟଭୀତ ହୁଅନ୍ତୁ ନାହିଁ। ସରକାର ଓ ଡାକ୍ତରଙ୍କ ଉପରେ ଭରଷା ରଖନ୍ତୁ। ଭଗବାନଙ୍କ ପ୍ରତି ଅତୁଟ ବିଶ୍ୱାସକୁ କମ୍ କରନ୍ତୁ ନାହିଁ। ସଫାସୁତୁରା ଓ ଡାକ୍ତରୀ ପରାମର୍ଶ ସତର୍କତା ଅବଲମ୍ବନ କରନ୍ତୁ। ଦେଖିବେ ଏହା ବିଶେଷକରି ଆପଣଙ୍କ ପିଲାମାନଙ୍କ ପାଇଁ ଆଦୌ ଚିନ୍ତାର କାରଣ ହେବନାହିଁ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ସହଯୋଗୀ ପ୍ରଫେସର, ଶିଶୁ ରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪**

## ଓଡ଼ିଶାର ନୃତ୍ୟ ନିର୍ଦ୍ଦେଶକ ଅମିର ପତିଙ୍କ ତୃତୀୟ ଛତିଶଗଡ଼ ଚଳଚ୍ଚିତ୍ର ସଦ୍‌ଗୁରୁ ସତ୍‌ନାମ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଜଣାଶୁଣା ନୃତ୍ୟ ନିର୍ଦ୍ଦେଶକ ଅମିର ପତିଙ୍କ ନିର୍ଦ୍ଦେଶନାରେ ତୃତୀୟ ଛତିଶଗଡ଼ ଚଳଚ୍ଚିତ୍ର 'ସଦ୍‌ଗୁରୁ ସତ୍‌ନାମ'ର ସୁଟିଂ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅମିର ଦୀର୍ଘ ୨୦ରୁ ୨୫ ବର୍ଷ ହେବ ଓଡ଼ିଆ ସିନେ ଚଳଚ୍ଚିତ୍ର ଜଗତରେ ଖୁବ୍ ପରିଚିତ। ସେ କୋରିଓଗ୍ରାଫି ଭାବେ ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ, ଛତିଶଗଡ଼ି, ବଙ୍ଗାଳୀ ଭାଷାରେ କାର୍ଯ୍ୟକରି ଆସୁଛନ୍ତି। ବର୍ତ୍ତମାନ ଛତିଶଗଡ଼ ସତନାମି ସମାଜର ସର୍ବଶ୍ରେଷ୍ଠ ସଦ୍‌ଗୁରୁ ଘାସି ଦାସଙ୍କ ଜୀବନୀ କାହାଣୀ ଉପରେ ଆଧାରିତ 'ସଦ୍‌ଗୁରୁ ସତନାମ' ତୃତୀୟ ଛତିଶଗଡ଼ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ଅମିର ପତିଙ୍କୁ ଦିଆଯାଇଛି ଯାହାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ମଧ୍ୟ ରହିଛି। ଗୁରୁ ଘାସି ଦାସଙ୍କ ଜୀବନ କାହାଣୀ ଏକ ନିଆରା। ସେ ପିଲାଟିବେଳୁ ସାଧୁସନ୍ଥଙ୍କ ସହ ଯୋଗଧ୍ୟାନରେ ଲୀନ ରହୁଥିଲେ। ଲୋକମାନଙ୍କୁ ସତ୍‌କର୍ମ କରିବାର ମାର୍ଗଦର୍ଶକ ଥିଲେ। ମିଛ, ଚୋରୀ, ପଶୁବଳି, ମଦ, ଜୁଆ, ଅପକର୍ମ ନକରିବାକୁ ଶିକ୍ଷା ଦେଉଥିଲେ। ସଂସାରର ବନ୍ଧନରେ ଥାଇ ମଧ୍ୟ ସତ୍‌ନାମ ଧର୍ମ ପ୍ରଚ୍ଚର କାର୍ଯ୍ୟ କରିପାରୁଥିଲେ। ଖ୍ରୀ.ପୂ. ୧୬୫୬ରେ ଜନ୍ମ ହୋଇଥିବା ବାବା ଘାସି ଦାସ ସତ୍‌ନାମ ଧର୍ମକୁ ପ୍ରଚ୍ଚର ପ୍ରସାର କରିଥିଲେ ଯାହା ଛତିଶଗଡ଼ର ଘାସି ଦାସ ୟୁନିଭରସିଟି ଭାରତ ପ୍ରସିଦ୍ଧ ଲାଭ କରିସାରିଛି। ଏସବୁକୁ ନେଇ ଛତିଶଗଡ଼ର ପ୍ରଥମ ଗୁରୁ ଘାସି ଦାସଙ୍କ ଚଳଚ୍ଚିତ୍ର ସୁଟିଂ କାର୍ଯ୍ୟ ଓଡ଼ିଶା, ଛତିଶଗଡ଼ରେ ଚାଲିଛି। ଏଥିରେ ଓଡ଼ିଶା ଏବଂ ଛତିଶଗଡ଼ର କଳାକାରମାନେ କାର୍ଯ୍ୟ କରୁଛନ୍ତି। ଗୁରୁ ଘାସି ଦାସଙ୍କ ଭୂମିକାରେ ଅଶ୍ୱିନୀ ବ୍ରହ୍ମା, ଲକି, ଦିପା, ମମତା, ମିଟୁ, ରଶ୍ମି, କିସ୍‌କୁରେ ରାଜେଶ ପାଣିଆ ପ୍ରମୁଖ କଳାକାରମାନେ କାର୍ଯ୍ୟ କରୁଛନ୍ତି। ନିର୍ଦ୍ଦେଶକ ଅମିର ପତିଙ୍କ ନିର୍ଦ୍ଦେଶନାରେ ଏହା ତୃତୀୟ ଛତିଶଗଡ଼ ଚଳଚ୍ଚିତ୍ର। ସେ ପୂର୍ବରୁ ଓଡ଼ିଶାରେ ନୃତ୍ୟ ନିର୍ଦ୍ଦେଶକଭାବେ ଉଲଗୁଲାନ, ତୁଳସୀ ଅପା ଭଳି କଳାତ୍ମକ ଚଳଚ୍ଚିତ୍ରରେ କାର୍ଯ୍ୟ କରିସାରିଛନ୍ତି।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଶୋଭନୀୟ ପ୍ଲେ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ



ଭୁବନେଶ୍ୱର(ପିଏନ୍): ପୋଖରୀପୁଟ ସ୍ଥିତ ଶୋଭନୀୟ ପ୍ଲେ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶିକ୍ଷାବିତ ପ୍ରଫେସର ଡ. ବାସୁଦେବ ଛାଟୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଛାତ୍ରଛାତ୍ରୀ ମାନେ ଦେଶ ଓ ରାଜ୍ୟର ଭବିଷ୍ୟତ। ତେଣୁ ତାଙ୍କର ପ୍ରଥମରୁ ଉଚିତ୍ ଶିକ୍ଷା, ସଂସ୍କାର, ନୀତିନିୟମ ପାଳନ କରିବାପାଇଁ ପିତାମାତା ମାନେ ଯତ୍ନବାନ ନେବା ଉଚିତ୍। ସମ୍ମାନିତ ଅତିଥିଭାବେ ୟୁଥ ଆଣ୍ଡ ସ୍ପୋର୍ଟ ଅଫିସର ଶ୍ରୀମତୀ ନିବେଦିତା ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଚ୍ଚପ୍ରଶଂସା କରିବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସ୍କୁଲର ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ବିଜୟଲାଭ କରିଥିବା କୁନି କୁନି ପିଲାମାନଙ୍କୁ ଓ ଅଭିଭାବକମାନଙ୍କ ମଧ୍ୟରେ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାପରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ରଂଗାରଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନଲତା, ସୁଜାତା, ଅରୁନ୍ଧତୀ, ସ୍ନିଗ୍ଧା ଓ ନୃତ୍ୟଗୁରୁ ଦିଲ୍ଲୀପ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମଂଚ ପରିଚାଳନା କରିଥିଲେ, ଶତରୁପା, ସୁବାଙ୍ଗୀ, ଅକ୍‌ସିତା ଓ ଦିବାଂଶୀ। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଲୁଲୁ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ରାଜ୍ୟ ସ୍ତରୀୟ ଲୁଲୁ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପରିସରରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୩ରୁ ଉର୍ଦ୍ଧ୍ୱ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ, ପ୍ରବନ୍ଧ, ସାଧାରଣ ଜ୍ଞାନ, ଓଡ଼ିଶୀ ନୃତ୍ୟ ଓ ଆଧୁନିକ ନୃତ୍ୟ ପ୍ରଭୃତି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଚଳିତ ଫେବୃଆରୀ ୧୪ତାରିଖ ଦିନ ରାଜ୍ୟ ସ୍ତରୀୟ ଲୁଲୁ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଦିବଂଗତ ମହାନ ଜନନାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ପୂର୍ଣ୍ୟ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତିପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ଲୁଲୁ ମହାପାତ୍ରଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସଂପାଦକ ଦୀପକ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱଭୂଷଣ ଦାସ, ମନୋଜ ସାହୁ, ପ୍ରକାଶ ମିଶ୍ର, ଆଲୋକ ମହାନ୍ତି, ହିମାଂଶୁ ଲେଙ୍କା, ତରୁଣ ମିଶ୍ର, ରାଜେନ୍ଦ୍ର ପଣ୍ଡା, ଦୀପକ ମହାପାତ୍ର, ସତ୍ୟସ୍ମିତ ମହାନ୍ତି, ରବିନ୍ଦ୍ର ଆଚାର୍ଯ୍ୟ, ଦେବୀଦତ ଜେନା, ଆଲୋକ ମହାନ୍ତି, ମନୋଜ ବିଶ୍ୱାଳ, ସଂଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶୁଭ ସକାଳର କବିତା ପାଠୋତ୍ସବ ଓ ଆଲୋଚନା ସଭା

ଧର୍ମଶାଳା (ପିଏନ୍): ଶୁଭ ସକାଳର କବିତା ପାଠୋତ୍ସବ ଓ ଆଲୋଚନା ସଭା ଜାରକା ଶିଶୁ ଉଦ୍ୟାନ ପରିସରରେ ଉପସଭାପତି ମିନତୀ ସାହୁଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ଅତିଥିଭାବେ ଯୋଗଦେଇ ଆତ୍ମାର ପ୍ରେରଣା ହିଁ କବିତାର ଉତ୍ସ। ସମସାମୟିକ ପରିବେଶ କବି ଓ କବିତାକୁ ପ୍ରଭାବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ସାହସପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କବି ଡକ୍ଟର ଚିତ୍ତରଂଜନ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ଉପସଭାପତି ସଂଗ୍ରାମ ଜେନା ଯୋଗ ଦେଇଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ କରି ସ୍ୱାଗତ ଭାଷଣ ଦେଇଥିଲେ। କବି ଅର୍ଜ୍ଜୁନ ପୃଷ୍ଟି, ସତ୍ୟାନନ୍ଦ ପ୍ରଧାନ, ପ୍ରତିଭାମଂଜରୀ ଦାସ, ସବିତା ମିଶ୍ର, କୃଷ୍ଣଚନ୍ଦ୍ର ତ୍ରିପାଠୀ, ପର୍ଶୁକାନ୍ତ ଜେନା ପ୍ରମୁଖ କବିତା ପାଠ କରିଥିଲେ। ମାନସରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ବୈଠକରେ ନୂତନ କର୍ମକର୍ତ୍ତା ଘୋଷଣା କରାଯିବ ବୋଲି ସମ୍ପାଦକ ସୂଚନା ଦେଇଥିଲେ।

## ଧାରାଶ୍ରୀରାଧା ମହୋତ୍ସବ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଆର୍ଟ ଆଣ୍ଡ କଲ୍‌ଚର ଫାଉଣ୍ଡେସନ (ଓସିଏଫ୍) ପଘରୁ କବି ମଙ୍ଗଳା ପ୍ରସାଦ ପ୍ରଧାନଙ୍କ ରଚିତ ଧାରାଶ୍ରୀରାଧା କାବ୍ୟକୁ ଆଧାର କରି ଏକ ଚାରିଦିନିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶେଷ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଓ ନିର୍ବାହୀ ଲୋପାମୁଦ୍ରା ପ୍ରଧାନ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଗୁରୁ ଡ. ସଙ୍ଗୀତା ଗୋସାଇଁ ଓ ସୁମିତ୍ରା ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ପରେ ପରେ ଗୁରୁ କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକୀ ଥର, ଡ. ମିତାଲୀ ଚନ୍ନରା, ଗୁରୁ ହରପ୍ରିୟା ସ୍ୱାଇଁ ଓ ରୂପକ ପରିଡ଼ା ଦ୍ୱୈତ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତ ଗାନ ପରେ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଡ. ଝୁମ୍‌କୀ ରଥ, ଡ. ସଙ୍ଗୀତା ଗୋସାଇଁ, ଡ. ମିତାଲୀ ଚିନ୍ନାରା ଓ ଇଂ. ଅଜୟ ସ୍ୱାଇଁ ପ୍ରମୁଖ ବରେଣ୍ୟ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଦେଶ୍ୟ ଓ ଗରିମା ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହାପରେ ସୁଶ୍ରୀ ଶତାବ୍ଦୀ ମଲ୍ଲିକ ଓ ସୁଶ୍ରୀ ଶ୍ରେୟା ଚକ୍ରବର୍ତ୍ତୀ ଏକକ ନୃତ୍ୟ ପରିବେଷଣ କରିଥିଲେ। ତା'ପରେ ସୁଶ୍ରୀ ଶୁଭଶ୍ରୀ ପାଢୀ ଓ ସାଥୀ, ମଞ୍ଜୁଶ୍ରୀ ପଣ୍ଡା ଓ ସାଥୀ ଦଳଗତ ନୃତ୍ୟ କରିବେଷଣ କରିଥିଲେ। ଶ୍ରୀମାନ ଅଂଶୁମାନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ଆର୍ଟ ଆଣ୍ଡ କଲ୍‌ଚର ଫାଉଣ୍ଡେସନ (ଓସିଏଫ୍) ପଘରୁ କବି ମଙ୍ଗଳା ପ୍ରସାଦ ପ୍ରଧାନଙ୍କ ରଚିତ ଧାରାଶ୍ରୀରାଧା କାବ୍ୟକୁ ଆଧାର କରି ଏକ ଚାରିଦିନିଆ ମହୋତ୍ସବର ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶେଷ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ଓ ନିର୍ବାହୀ ଲୋପାମୁଦ୍ରା ପ୍ରଧାନ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଓ ମହାପାତ୍ର ମିନତୀ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ତା'ପରେ ଗୁରୁ ହିମାଂଶୁ ସ୍ୱାଇଁ, ଗୁରୁ ମାତୃପ୍ରସାଦ ଦାସ, ଗୁରୁ ବିବେକାନନ୍ଦ ପଣ୍ଡା ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ପରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ରାମହରି ଦାସ, ଡ. କୃଷ୍ଣ ଚରଣ ବଳ, ପ୍ରାକ୍ତନ ରାଷ୍ଟ୍ରଦୂତ ଶ୍ରୀଯୁକ୍ତ ଅବସର ବେଉରିଆ, ପ୍ରାକ୍ତନ ପ୍ରଶାସକ ଦୁର୍ଗାଚରଣ ସାହୁ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ଏବଂ ସଙ୍ଗୀତଜ୍ଞ କେ. ରାମାରାଓ ପାତ୍ର ବରେଣ୍ୟ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଦେଶ୍ୟ ଓ ଗାରିମା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହାପରେ ନୃତ୍ୟାଶା ଅନୁଷ୍ଠାନର ସୁଶ୍ରୀ ପ୍ରିୟଦର୍ଶିନୀ ଏକକ ନୃତ୍ୟ କରିଥିଲେ। ସେହିପରି ଯଶସ୍ୱିନୀ ସ୍ୱାଇଁ ମଧ୍ୟ ଏକକ ନୃତ୍ୟ ପରିବେଷଣ କରିଥିଲେ। ପରିଶେଷରେ ଗୁରୁ ନିରଞ୍ଜନ ରାଉତଙ୍କ ନୂପୁର ଅନୁଷ୍ଠାନର କଳାକାରମାନେ ଏକ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀମାନ ଅଂଶୁମାନ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




## ୬୦% ଓଡ଼ିଆ ମହିଳା ନିଜେ ନିଜର ଜୀବନସାଥୀ ସନ୍ଧାନ କରିବାକୁ ପସନ୍ଦ କରନ୍ତି: ଓଡ଼ିଆ ମାଟ୍ରିମୋନିର ରିପୋର୍ଟ

ଭୁବନେଶ୍ୱର: ଓଡ଼ିଆଙ୍କ ପାଇଁ ଉପଯୁକ୍ତ ସାଥୀ ସନ୍ଧାନ କରିବାର ସେବା ପ୍ରଦାନ କରୁଥିବା ଭାରତ ମାଟ୍ରିମୋନିର ଅଗ୍ରଣୀ ସଂସ୍ଥା ଓଡ଼ିଆ ମାଟ୍ରିମୋନି ପକ୍ଷରୁ ଲକ୍ଷାଧିକ ପଂଜୀକୃତ ଗ୍ରାହକଙ୍କ ଜନସଂଖ୍ୟା ସମ୍ବନ୍ଧୀୟ ସ୍ୱରୂପର ସର୍ବେକ୍ଷଣ କରାଯାଇଛି ଏବଂ ସେଥିରୁ ଜଣାପଡ଼ିଛି ଯେ ଅଧିକାଂଶ ବ୍ୟକ୍ତିବିଶେଷ ନିଜେ ନିଜର ଜୀବନସାଥୀ ସନ୍ଧାନ କରିବାକୁ ପସନ୍ଦ କରନ୍ତି ।ଓଡ଼ିଆ ଭାଷାଭାଷୀ ଲୋକ ଏବଂ ସେମାନଙ୍କ ଜୀବନସାଥୀ ଚୟନର ପ୍ରାଥମିକତା ସମ୍ପର୍କରେ ରୋଚକ ତଥ୍ୟ ଜଣାପଡ଼ିଛି:
ବ୍ୟବହାରକାରୀଙ୍କ ସଂଖ୍ୟାରେ ୨୯% ମହିଳା ଓ ୭୧% ପୁରୁଷ ହୋଇଥିବା ବେଳେ ପୁରୁଷ ପଂଜୀକରଣକାରୀଙ୍କ ହାରାହାରି ବୟସ ୨୯ ବର୍ଷ ହୋଇଥିବା ବେଳେ ମହିଳାଙ୍କ ବୟସ ହେଉଛି ୨୬ ବର୍ଷ । ରୋଚକ ବିଷୟ ହେଉଛି ମହିଳାଙ୍କ କ୍ଷେତ୍ରରେ ୬୦% ମାଟ୍ରିମୋନି ପ୍ରୋଫାଇଲକୁ ମହିଳାମାନେ ନିଜେ ସୃଷ୍ଟି କରିଛନ୍ତି । ସେହିଭଳି, ପୁରୁଷଙ୍କ ମଧ୍ୟରେ ୭୪% ପ୍ରୋଫାଇଲ୍‌କୁ ସେମାନେ ନିଜେ ସୃଷ୍ଟି କରିଛନ୍ତି । ମାତ୍ର ୭% ପ୍ରୋଫାଇଲ୍‌କୁ ଅଭିଭାବକମାନେ ସୃଷ୍ଟି କରିଥିବା ବେଳେ ବଳକା ପ୍ରୋଫାଇଲ୍‌କୁ ସଂପର୍କୀୟ ଓ ବନ୍ଧୁମାନେ ଖୋଲିଛନ୍ତି । ସାଥୀ ସନ୍ଧାନରେ ଥିବା ୩୬% ମହିଳା ପ୍ରୋଫାଇଲ୍ ୨୨-୨୫ ବର୍ଷର ହୋଇଥିବା ବେଳେ ୩୭%ର ବୟସ ବର୍ଗ ହେଉଛି ୨୬-୨୯ ବର୍ଷ । ପୁରୁଷ ପ୍ରୋଫାଇଲ୍ ଭିତରେ ସାଥୀ ସନ୍ଧାନରେ ଥିବା ଲୋକଙ୍କ ମଧ୍ୟରୁ ୩୪%ଙ୍କ ବୟସ ୨୫-୨୮ ବର୍ଷ ଏବଂ ୨୭%ଙ୍କ ବୟସ ବର୍ଗ ହେଉଛି ୨୯-୩୨ ବର୍ଷ । ୭% ମହିଳା ଓ ୧୦% ପୁରୁଷ ସେମାନଙ୍କ ଜାତି ବାହାରେ ଜୀବନ ସାଥୀ ସନ୍ଧାନ କରିବା ପାଇଁ ନିଜକୁ ଉନ୍ମୁକ୍ତ ରଖିଛନ୍ତି ।
ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ପଂଜୀକରଣ ହେଉଥିବା ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, କଟକ, ଗଂଜାମ ଓ ବାଲେଶ୍ୱର । ଓଡ଼ିଶା ବାହାରେ ଅଧିକ ପଂଜୀକରଣ ବାଙ୍ଗାଲୋର, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀରୁ ଆସୁଛି ।
ପୁରୁଷଙ୍କ ଶ୍ରେଷ୍ଠ ବୃତିଗୁଡ଼ିକ ହେଉଛି ବ୍ୟବସାୟ ମାଲିକ/ଉଦ୍ୟୋଗୀ ଏବଂ ତା' ପଛକୁ ରହିଛି ଏକ୍‌ଜିକ୍ୟୁଟିଭ୍ ଏବଂ ସଫ୍‌ଟୱେୟାର ବୃତିଧାରୀ ଏବଂ ମହିଳାଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଶିକ୍ଷାଦାନ/ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍ । ଶିକ୍ଷାଗତ ଯୋଗ୍ୟତା ଭିତରେ ପଂଜୀକରଣକାରୀଙ୍କ ମଧ୍ୟରେ କଳା ହେଉଛି ସବୁଠୁ ଲୋକପ୍ରିୟ ବର୍ଗ । ଏହା ପଛକୁ ରହିଛି ପ୍ରଯୁକ୍ତି ଓ ବୃତିଗତ ପାଠ୍ୟକ୍ରମ ।୨୭% ମହିଳା ଓ ୧୨% ପୁରୁଷ ଚାହାନ୍ତି ସେମାନଙ୍କ ଜୀବନସାଥୀଙ୍କ ଶିକ୍ଷାଗତ ଯୋଗ୍ୟତା ମାଷ୍ଟର ଡିଗ୍ରି କିମ୍ବା ତା'ଠାରୁ ଅଧିକ ହୋଇଥାଉ ।ମୋବାଇଲ୍ ଓ ଇଂଟରନେଟ୍ ଧାରା ଅନୁସାରେ, ୯୧% ଓଡ଼ିଆ ମାଟ୍ରିମୋନି ସଦସ୍ୟ ସେମାନଙ୍କ ଜୀବନସାଥୀକୁ ମୋବାଇଲ୍ ବ୍ୟବହାର କରି ସନ୍ଧାନ କରନ୍ତି ।
ଏହି ରୋଚକ ଧାରା ବିଷୟରେ ମତ ଦେଇ ମୁରୁଗାଭେଲ୍ ଜାନକୀରାମ, ପ୍ରତିଷ୍ଠାତା ଓ ସିଇଓ, ମାଟ୍ରିମୋନି ଡଟ୍ କମ୍ କହିଛନ୍ତି ଯେ, "ବିଗତ ୨୦ ବର୍ଷ ଭିତରେ, ଓଡ଼ିଆ ମାଟ୍ରିମୋନି ଲକ୍ଷ ଲକ୍ଷ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ପାଇଁ ଜୀବନ ସାଥୀ ଖୋଜିବାର ଏକ ନମ୍ବର ପସନ୍ଦ ହୋଇପାରିଛି । ଲକ୍ଷ ଲକ୍ଷ ଓଡ଼ିଆ ସେମାନଙ୍କ ଜୀବନ ସାଥୀ ଏଠାରେ ପାଇଛନ୍ତି ଏବଂ ଭାରତ ଓ ସାରା ଦୁନିଆରେ ଥିବା ଏହି ଜୀବନ୍ତ ଓଡ଼ିଆ ସମ୍ପ୍ରଦାୟରେ ଆମେ ବ୍ୟବହାରକାରୀ ବଢ଼ାଇବା ଜାରି ରଖିଛୁ । ଓଡ଼ିଶା ଆମ ପାଇଁ ଏକ ବଡ଼ ଅଗ୍ରାଧିକାର ବଜାର ଏବଂ ଅଧିକରୁ ଅଧିକ ଓଡ଼ିଆଙ୍କୁ ସେମାନଙ୍କ ଜୀବନସାଥୀ ସନ୍ଧାନ କରିବାରେ ସହାୟତା କରିବା ଲାଗି ଆମେ ଆମର ଉଦ୍ୟମକୁ ତ୍ୱରାନ୍ୱିତ କରିଛୁ ।''

## ଅଷ୍ଟମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର,(ପିଏନ)- ସରକାରୀ ଉଚ୍ଚବିଦ୍ୟାଳୟ, ୟୁନିଟ୍-୧ ପରିସରରେ ଅଷ୍ଟମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା(ଇନସ୍ପେୟାର)କୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆଙ୍କ ଦ୍ୱାରା ଉଦଯାପିତ ହୋଇଯାଇଛି । ଏହି ଉଦଯାପନ ସନ୍ଧ୍ୟାରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ଡଃ କାର୍ତ୍ତିକ ଚନ୍ଦ୍ର ଦାସ ଏଡିପି, ଓସେପା, ବିବେକ କୁମାର, ଏନଆଇଏଫ, ନୂଆଦିଲ୍ଲୀ, ବରିଷ୍ଠ ପ୍ରୋଗ୍ରାମ ଅଫିସର, ଶ୍ରୀମତୀ ବନ୍ଦନା ମହାପାତ୍ର ଜିଲ୍ଲା ଶିକ୍ଷାଧିକାରୀ ଖୋର୍ଦ୍ଧା ।
ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ସସ୍ମିତା ମାଳି ଓ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶ୍ରୀସଂଗୀତା ପଣ୍ଡା ଆଦି ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଭାବରେ ଯୋଗଦେଇ କୁନିକୁନି ବୈଜ୍ଞାନିକମାନଙ୍କୁ ବିଜ୍ଞାନ ଭିତିକ ପ୍ରେରଣା ପ୍ରଦାନ କରିଥିଲେ । ୩୦ଟି ଜିଲ୍ଲାରୁ ୧୪୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସ୍ୱତନ୍ତ୍ର ଭାବରେ ଶ୍ରୀ ଚିନ୍ମୟ କୁମାର ଦାସଙ୍କୁ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ କଳା ଉତ୍ସବର ବାଳକ ବର୍ଗରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରରେ ୨ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୭ଜଣ କୃତି ପ୍ରକଳ୍ପଧାରୀଙ୍କୁ ଜାତୀୟ ସ୍ତରରେ ଭାଗନେବା ପାଇଁ ମନୋନୀତ କରାଯାଇ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟ ଶୁଭଶ୍ରୀ ସ୍ୱାଇଁ(ଖୋର୍ଦ୍ଧା), ଅରବିନ୍ଦ ଦେହୁରୀ(ଅନୁଗୁଳ), ଜ୍ୟୋତି ବାରିକ(ବଲାଙ୍ଗୀର), ବିପ୍ଳବ କୁମାର ଘୋଷ(ବାଲେଶ୍ୱର), ଜୟନ୍ତ ସାହୁ(ବରଗଡ଼), ଚୁଡ଼ାମଣି ମେହେର, ମଲ୍ଲିକା ଶେଷ, ତିତିକ୍ଷା ବେହେରା(ବରଗଡ଼), ମଧୁସ୍ମିତା ପାତ୍ର(ଗଞ୍ଜାମ), ସୁଶ୍ରୀ ରିତୁରେଶ୍ମା ସ୍ୱାଇଁ(ଗଞ୍ଜାମ), ଅଭିସ୍ୱା ଭୋଳ(ଜଗତସିଂହପୁର), ସ୍ମୃତି ରଞ୍ଜନ ଜେନା(ପୁରୀ), ରୁଦ୍ରପ୍ରସାଦ ଦଳେଇ(ରାୟଗଡ଼ା), ଆକାଶ ବେରା(ସୁନ୍ଦରଗଡ଼), ଆକାଶ ଚନ୍ଦ୍ର ସାହୁ(ଢେଙ୍କାନାଳ)ରୁ ମନୋନୀତ ହୋଇ ଜାତୀୟ ସ୍ତରରେ ଓଡ଼ିଶାରୁ ଭାଗନେବା ପାଇଁ ସ୍ୱୀକୃତ ହୋଇଛନ୍ତି ।
ଅଧିକରୁ ଅଧିକ ପିଲା ବିଜ୍ଞାନ ଭିତିକ କାର୍ଯ୍ୟକ୍ରମରେ ଯୋଗଦେଲେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭିବୃଦ୍ଧି ଘଟିବ ତଥା ଆଜିର ଜାତୀୟ ସ୍ତରକୁ ଯାଉଥିବା ପିଲାମାନଙ୍କର ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟାର ପରିସର ପରିବ୍ୟାପ୍ତ ହେବା କଥା ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।
ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋନାମିକା ରାୟ, ଡ. ଗୌରହରି ମିଶ୍ର, ଅଦୈତ ବଳିଆରସିଂ, ନଳିନୀ ପଟ୍ଟନାୟକ, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର, ଅମୂଲ୍ୟ କୁମାର ମହାନ୍ତି, ସନ୍ଧ୍ୟା ମହାପାତ୍ର, ଶାନ୍ତା ଦାସ, ତୋଫାନ କୁମାର ରାଉତରାୟ ଆଦି ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀ ଦୀପକ ଦାସ । ପରିଶେଷରେ ୟୁନିଟ୍-୧ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜାତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ପ୍ଲାନେଡ଼ ୱାନର ସାଧାରଣତନ୍ତ୍ର ଦିବସ ଅଫର

ଭୁବନେଶ୍ୱର,୨୪/୧ : ରାଜ୍ୟର ଅଗ୍ରଣୀ ମଲ ଏସ୍‌ପ୍ଲାନେଡ଼ ୱାନର ସାଧାରଣତନ୍ତ୍ର ଦିବସ ସପ୍ତାହନ୍ତକୁ ଗ୍ରାହକଙ୍କ ନିମନ୍ତେ ସରସସୁନ୍ଦର କରିବା ଉଦ୍ଦେଶ୍ୟରେ ୩ ଦିନିଆ ୫୦% ରିହାତି ଘୋଷଣା କରିଛନ୍ତି । 'ଅସଲୀ ହାପିନେସ୍ ୱାଲା ସେଲ'ର ଅଂଶ ଭାବେ ଏହି ରିହାତି ବିକ୍ରି ଜାନୁୟାରୀ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ବିକ୍ରୟରେ ପ୍ରାୟ ୫୦ଟି ବ୍ରାଣ୍ଡ ରହିବ । ଗ୍ରାହକଙ୍କ ପାଇଁ ଅବିଶ୍ୱନୀୟ ରିହାତି ଓ ଆନନ୍ଦକୌତୁକ ମଧ୍ୟ ଏହି ସମୟରେ ଉପଲବ୍‌ଧ ହେବ । ଲାଇଫଷ୍ଟାଇଲ, ମାର୍କସ୍ ଏଣ୍ଡ ସ୍ପେନସର, ୟୁଏସ୍ ପୋଲୋ, ରିଲାଏନ୍‌ସ ଟ୍ରେଣ୍ଡ, ସାମସୋନାଇଟ, ଦି ବଡ଼ି ସପ୍ ଆଦି ବ୍ରାଣ୍ଡର ସାମଗ୍ରୀ ଗ୍ରାହକ ଏହି ସମୟରେ କ୍ରୟ କଲେ ୫୦% ରିହାତି ପାଇପାରିବେ । ସେହିପରି କପଡ଼ା ବ୍ରାଣ୍ଡ ପିଟର ଇଂଲଣ୍ଡ ଓ ଆଲେନ ସୋଲେରେ ଯଥାକ୍ରମେ ୩ରେ ୩ ବିନା ମୂଲ୍ୟରେ ଓ ୨ରେ ୨ ବିନା ମୂଲ୍ୟରେ ପ୍ରଦାନ କରାଯିବ ।ଦ ଏହି ବିକ୍ରି ଅଫର ସଂପର୍କରେ ଏସ୍‌ପ୍ଲାନେଡ଼ ୱାନର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥ ନାୟକ କହିଛନ୍ତି ଯେ, ଗ୍ରାହକଙ୍କ ନିମନ୍ତେ ସାଧାରଣତନ୍ତ୍ର ଦିବସ ସ୍ମରଣୀୟ କରିବା ପାଇଁ ସଂସ୍ଥା ଚାହେଁ । ଏଥିପାଇଁ ସଂସ୍ଥା ଏକାଧିକ କିସମ ଅଫର ପ୍ରଦାନ କରୁଛି । ଗ୍ରାହକମାନେ ମନେ ରଖିବା ପରି ଅନୁଭବ ସର୍ବଦା ପ୍ରଦାନ କରିବା ପାଇଁ ସଂସ୍ଥା ଚାହେଁ । ଖାଦ୍ୟପ୍ରେମୀଙ୍କ ପାଇଁ ଏସ୍‌ପ୍ଲାନେଡ଼ ୱାନ କେଏଫସି, ଏସିଆ ୭, ଡୋମିନୋଜ୍ ଓ ଚାଏ ବ୍ରେକ ସହ ବୁଝାମଣା କରିଛି । ଏମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରିବେ ଏବଂ ଏହାର ମୂଲ୍ୟ ୯୯ ଟଙ୍କାରୁ ଆରମ୍ଭ ହେବ । ଏହି ଅବସର ପାଇଁ ଏକାଧିକ ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି । ୨୫୦୦ ଟଙ୍କା ବା ତାଠାରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ କ୍ରୟ କରୁଥିବା ଗ୍ରାହକଙ୍କ ପାଇଁ ଦୈନିକ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଲାଭର ସୁଯୋଗ ରହିଛି । ସାପ୍ତାହିକ ଲଟେରୀରେ ଘରୋଇ ଉପକରଣ ସହ ଜଣେ ଭାଗ୍ୟଶାଳୀ ବିଜେତା ବିଏମଡ଼ବ୍ଲ୍ୟୁ ବାଇକ ଜି-୩୧୦-ଆର, ସୁଜୁକି ଇନଟ୍ରୁଡ଼ର ବାଇକ, ଆମ୍ପିୟର ଇଲେକ୍ଟ୍ରିକ୍ ସ୍କୁଟର ଲାଭ କରିବାର ସୁଯୋଗ ରହିଛି ।

## ସାମସଙ୍ଗ ପକ୍ଷରୁ ଭାରତରେ ଗ୍ୟାଲେକ୍ସି ଏସ୧୦ ଲାଇଟର ଶୁଭାରମ୍ଭ

ଭୁବନେଶ୍ୱର-ଭାରତର ସବୁଠାରୁ ଅଧିକ ବିଶ୍ୱସନୀୟ ଉପଭୋକ୍ତା ଇଲେକ୍ଟ୍ରୋନିକ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ, ଭାରତରେ ଗ୍ୟାଲେକ୍ସି ଏସ୧୦ ଲାଇଟର ଶୁଭାରମ୍ଭର ଘୋଷଣା କରିଛି । ଗ୍ୟାଲେକ୍ସି ଏସ୧୦ ଲାଇଟ ପ୍ରୋଗ୍ରେଡ କ୍ୟାମେରା ଓ ଉନ୍ନତ ବୈଶିଷ୍ଟ୍ୟକୁ ସାମିଲ କରିଛି ଏବଂ ଯୁବପିଢ଼ୀମାନଙ୍କର ପୃଥକ ଆବଶ୍ୟକତାରେ ପହଁଞ୍ଚିବା ପାଇଁ ଏହାର ଡିସପ୍ଲେ, କ୍ୟାମେରା ଓ ପ୍ରଦର୍ଶନରେ ଅଭୁତପୂର୍ବ ବିକାଶ ସହିତ ଆସିଛି । ଏକ ଶ୍ରେଷ୍ଠ ମଲଟିଟାସ୍କିଙ୍ଗ ପାଇଁ ଗ୍ୟାଲେକ୍ସି ଏସ୧୦ ଲାଇଟ ୮ଜିବି ର୍‍ୟାମ ଏବଂ ୧୨୮ଜିବି ଇଣ୍ଟରନାଲ ମେମୋରି ସହିତ ଆସିଛି । ଗ୍ୟାଲେକ୍ସି ଏସ୧୦ ଏକ ୪,୫୦୦ ମେଗାହର୍ଜ ବ୍ୟାଟେରୀ ସାମିଲ କରିଛି, ଯାହାକି ଆପଣଙ୍କ ଫୋନର ଶକ୍ତିକୁ ବୁଦ୍ଧିମତାର ସହ ପରିଚାଳନା କରିଥାଏ ଏବଂ ଏହାର ୨୫ୱାଟ ଦ୍ରୁତ ଚାର୍ଜିଙ୍ଗ ଟେକ୍ନୋଲୋଜି ସହ ଚାର୍ଜ ହେବା ପାଇଁ ଖୁବ କମ ସମୟ ନେଇଥାଏ । ଗ୍ୟାଲେକ୍ସି ଏସ୧୦ ଲାଇଟ ଗେମ ବୁଷ୍ଟର ଏବଂ ପରଫରମାନ୍ସ ମନିଟରରେ ବ୍ୟବସ୍ଥିତ ହୋଇଆସିଛି ଯାହାକି ଆପଣଙ୍କ ଗେମିଙ୍ଗ ଅନୁଭୂତିକୁ ଅନ୍ୟ ଏକ ସ୍ତରକୁ ନେଇଯିବ
"ଗ୍ୟାଲେକ୍ସି ଏସ୧୦ ଲାଇଟ ଆମର ଯୁବପିଢ଼ୀ ଉପଭୋକ୍ତାମାନଙ୍କ ପାଇଁ ବାଣିଜ୍ୟ ଅଗ୍ରଣୀ ଅଭିନବତା ଯୋଗାଇଦେବାର ଆମର ଅବିରତ ପ୍ରୟାସର ଏକ ପରିପ୍ରକାଶ ।" ବୋଲି ସାମସଙ୍ଗ ଇଣ୍ଡିଆ, ମୋବାଇଲ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ଶ୍ରୀ ଅସିମ ୱାର୍ଶି କହିଛନ୍ତି । ଏହି ବହୁ ପ୍ରତିକ୍ଷିତ ଶୁଭାରମ୍ଭ ଉପରେ ଫ୍ଲିପକାର୍ଟର ମୋବାଇଲ-ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ଆଦିତ୍ୟ ସୋନି କହିଛନ୍ତି ଯେ, "ଫ୍ଲିପକାର୍ଟରେ ଆମେ ଭାରତୀୟ ଉପଭୋକ୍ତାମାନଙ୍କ ପାଇଁ ସୁଲଭ ମୂଲ୍ୟରେ କଟିଙ୍ଗ-ଏଜ ଟେକ୍ନୋଲୋଜି ଏବଂ ଶ୍ରେଷ୍ଠ ବର୍ଗର ଉତ୍ପାଦ ଆଣିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ।"
ପ୍ରିଜମ ହ୍ୱାଇଟ, ପ୍ରିଜମ ବ୍ଲାକ ଏବଂ ପ୍ରିଜମ ବ୍ଲୁ ରଙ୍ଗରେ ଉପଲବ୍ଧ ଏହି ଗ୍ୟାଲେକ୍ସି ଏସ୧୦ ଲାଇଟର ମୂଲ୍ୟ ୩୯,୯୯୯ଟଙ୍କା ରହିଛି । ଆସନ୍ତା ଜାନୁଆରୀ ୨୩ରୁ ଫେବୃଆରୀ ୩ ପର୍ଯ୍ୟନ୍ତ ପ୍ରାୟତଃ ଫ୍ଲିପକାର୍ଟ, ସାମସଙ୍ଗ.କମ ଏବଂ ଅଗ୍ରଣୀ ରିଟେଲ ଷ୍ଟୋରଗୁଡ଼ିକରେ ଆପଣ ଗ୍ୟାଲେକ୍ସି ଏସ୧୦ ଲାଇଟର ପ୍ରିବୁକିଙ୍ଗ ମଧ କରିପାରିବେ । ଗ୍ୟାଲେକ୍ସି ଏସ୧୦ ଲାଇଟର ବିକ୍ରୟ ଫେବୃଆରୀ ୪ରୁ ଆରମ୍ଭ ହେବାକୁ ଯାଉଛି । ଗ୍ରାହକମାନେ ଗ୍ୟାଲେକ୍ସି ଏସ୧୦ ଲାଇଟର ପ୍ରି-ବୁକିଙ୍ଗ କରି ଗୋଟିଏ ଥର ପାଇଁ ୧୯୯୯ଟଙ୍କାର ସ୍କିନ ରିପ୍ଲେସମେଣ୍ଟ ପାଇପାରିବେ, ଯାହାକି ଗୋଟିଏ ବର୍ଷ ମଧରେ ଦୁର୍ଘଟଣା ଜନିତ ସ୍କିନ ଡ୍ୟାମେଜକୁ ମଧ ସାମିଲ କରିଥାଏ ଏବଂ ଆଇସିଆସିଆଇ ବ୍ୟାଙ୍କର କ୍ରେଡିଟ କାର୍ଡ ସହିତ ୩୦୦୦ଟଙ୍କାର ଅତିରିକ୍ତ କ୍ୟାସବ୍ୟାକ ମଧ ରହିଛି ।

## ଭାରତର ଅସ୍ଥିଶଲ୍ୟ ଓ କୃତିମ ଅଙ୍ଗ ବିଭାଗୀୟ ସଂଘ(ଓପାଇ)ର ୨୫ତମ ଜାତୀୟ ସମ୍ମିଳନୀ ଉପଲକ୍ଷେ ପ୍ରେସ୍ ମିଟ୍

ଭୂବନେଶ୍ୱର : ଆଜି ଅପରାହ୍ନରେ ଭୂବନେଶ୍ୱରସ୍ଥ ହୋଟେଲ ପ୍ରେସିଡେନ୍‌ସି ଠାରେ ଭାରତର ଅର୍ଥୋଟିକ୍‌ସ୍ ଆଣ୍ଡ୍ ପ୍ରୋସ୍ଥେଟିକ୍‌ସ୍ ଆସୋସିଏସନ୍(ଓପାଇ)ର ପଂଚବିଂଶତିତମ ଜାତୀୟ ସମ୍ମିଳନୀ ଉପଲକ୍ଷେ ଓପାଇର ସମ୍ପାଦକ ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରେସ୍ ମିଟ୍‌ରେ ଓପାଇର ସମ୍ପାଦକ ତଥା ଓପାଇ-୨୦୨୦ ସାଇଂଟିଂକ୍ କମିଟିର ଅ୍ଧ୍ୟକ୍ଷ ଶ୍ରୀଯୁକ୍ତ ପାତ୍ର ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ଏହି ଅସ୍ଥିଶଲ୍ୟ ଓ କୃତିମଅଙ୍ଗ ସଂଘ ଏକ ଜାତୀୟସ୍ତରୀୟ ସଂଘ ଅଟେ ଯାହାକି ଅସ୍ଥିଶଲ୍ୟ ଓ କୃତିମଅଙ୍ଗବିଭାଗୀୟ କର୍ମଚାରୀଙ୍କ କଲ୍ୟାଣ ପାଇଁ ସର୍ବଭାରତୀୟ ସ୍ତରରେ ୧୯୭୯ମସିହାଠାରୁ କାର୍ଯ୍ୟ କରିଆସୁଛି ଏବଂ ପ୍ରତି ଦୁଇବର୍ଷରେ ଭାରତର ବିଭିନ୍ନ ପ୍ରାନ୍ତରେ ଜାତୀୟ ସମ୍ମଳନୀର ଆୟୋଜିତ କରିଆସୁଛି । ଏହି ପରିପ୍ରେକ୍ଷୀରେ ଏବର୍ଷ ପାଇଁ ଓପାଇ ତା'ର ୨୫ତମ ଜାତୀୟ ସମ୍ମଳନୀ ଓଡିଶାରେ ଆୟୋଜନ କରିବାକୁ ଯାଇଛି । ଓପାଇର ମୁଖ୍ୟ ଲକ୍ଷ୍ୟ ହେଉଛି – ଭିନ୍ନକ୍ଷମ(ଦିବ୍ୟାଙ୍ଗଜନ) ମାନେ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର (ମ୍ମକ୍ଷେପ) କରି କିପରି ଅଧିକରୁ ଅଧିକ ଆତ୍ମନିର୍ଭରଶୀଳ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରିବେ । ଓପାଇର ଏହି ଲକ୍ଷ୍ୟକୁ ନେଇ ଓପାଇ-୨୦୨୦ର ମୁଖ୍ୟ ବିଷୟବସ୍ତୁ ରଖିଛି "ପ୍ରଯୁକ୍ତି ବିଦ୍ୟା ହିଁ ନିର୍ଣ୍ଣାୟକ ବିଜୟ ବା ପ୍ରକୃତ




ସଂଳତା" । ଏହି ସମ୍ମିଳନୀ ଭୂବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତମାସ ୭ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଏବଂ ଉଦ୍‌ଘାଟନ ଉତ୍ସବ ଫେବୃୟାରୀ ୭ତାରିଖ ଦିନ ଦିବା ୧୧ଘଟିକା ସମୟରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସ ଓ ମୋ ପରିବାରର ଆବାହକ ଶ୍ରୀ ଅନୁପ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେବାକୁ ସେମାନଙ୍କର ସମ୍ମତି ପ୍ରଦାନ କରିଥିବା ବେଳେ ୯ତାରିଖ ଦିନ ଦିବା୧୧ଘଟିକା ସମୟରେ ଉଦ୍‌ଯାପନୀ ଉତ୍ସବରେ ଓଡିଶାର ମହାମହିମ ରାଜ୍ୟପାଳ ଡଃ ପ୍ରଫେସର୍ ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ ନିଜର ସମ୍ମତି ପ୍ରକାଶ କରିଛନ୍ତି । ଏତଦ୍ ବ୍ୟତୀତ ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେବେ ବୋଲି ଆକଳନ କରାଯାଇଛି ଏବଂ ଏଥିସହ ତିନିଦିନ ଧରି ଚାଲିବାକୁଥିବା ଏହି ସମ୍ମଳନୀରେ ୪୮ଟି ଷ୍ଟଲ୍‌କୁ ନେଇ ଏକ ବଡ ଧରଣର ପ୍ରଦର୍ଶନୀ ଆୟୋଜିତ ହେବା ସହ ଭାରତର କୋଣ ଅନୁକୋଣରୁ ଆସିଥିବା ବୈଜ୍ଞାନିକମାନେ ୧୨୦ଟି ବିଜ୍ଞାନସମ୍ମତ ତଥ୍ୟ(ପେପର) ଓ ୪୮ଟି ପୋଷ୍ଟର ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରୋସ୍ଥେଟିଷ୍ଟ ଏବଂ ଅର୍ଥୋଟିଷ୍ଟ ହେଉଛି ଏକ ସ୍ୱାଧିନ ପେଶାଦାର ବ୍ୟକ୍ତି ବିଶେଷ ବୋଲି ତିନୋଟି ମୁଖ୍ୟ ସଂସ୍ଥା ଡବ୍ଲ୍ୟୁ.ଏଚ୍.ଓ, ଆର୍.ସି.ଆଇ ଏବଂ ଇସ୍ପୋ ବର୍ଣ୍ଣନା କରିଛନ୍ତି । ଯଥାର୍ଥରେ ପ୍ରୋସ୍ଥେଟିଷ୍ଟ ଏବଂ ଅର୍ଥୋଟିଷ୍ଟ ହେଉଛନ୍ତି ରାଷ୍ଟ୍ରର ଦିବ୍ୟାଙ୍ଗଜନଙ୍କ ପାଇଁ ପଥ ପ୍ରଦର୍ଶକ(ବାହକ) ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।ଏହି ପ୍ରେସ୍ ମିଟ୍‌ରେ ଅନ୍ୟମାନଙ୍କ ମ୍ମରେ ଓପାଇର କାମଚଳା ସଭାପତି ବି.ମର୍ଦ୍ଦରାଜ, ଅର୍ଗାନାଇଜିଙ୍ଗ୍ ସେକ୍ରେଟାରୀ ରାଜେଶ ନନ୍ଦ,ସତ୍ୟଜିତ୍ ଦାସ ଓ ଯୁଗ୍ମ ଅର୍ଗାନାଇଜିଙ୍ଗ୍ ସେକ୍ରେଟାରୀ ମଧୁମିତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଧାତ୍ମିକତା ବିକାଶରେ ଓଡ଼ିଶୀ ସଂକୀର୍ତ୍ତନର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା / ବାରଙ୍ଗ / କଟକ, (ପିଏନ) : ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ସଂକୀର୍ତ୍ତନ ମହାମଣ୍ଡଳୀର ବିଂଶତମ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ଆଜି ପୂର୍ବାହ୍ନରେ କଟକ-ଭୁବନେଶ୍ୱର ମହାନଗରନିଗମ ସୀମାରେ ଥିବା ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ମହନ୍ତ ନଳିନୀ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୨ଗୋଟି ସଂକୀର୍ତ୍ତନ ମଣ୍ଡଳୀର ୪୦୦ ରୁ ଉର୍ଦ୍ଧ୍ୱ କଳାକାର ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶା ମୋ ପରିବାରର ଆବାହକ ମୁମ୍ବାଇର ପୂର୍ବତନ ପୋଲିସ୍ କମିଶନର ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ କୁମାର ରାଉତ, ଡକ୍ଟର ଅରବିନ୍ଦ ଢାଲି, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଅଲେଖ କୁମାର ଜେନା, ଉତ୍କଳ ସମ୍ମିଳନୀ ସଭାପତି ଡକ୍ଟର ଅଦ୍ୱୈତ କୁମାର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷା ଅନ୍ନପୂର୍ଣ୍ଣା ମିଶ୍ର, କବିତା ମଞ୍ଜରୀ ପରିଡ଼ା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଭାଷ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଶାନ୍ତ କୁମାର ଦାସ, ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟ ମହେଶ୍ୱର ଦାସ, ପୂର୍ବତନ କର୍ପୋରେଟର ଗାୟତ୍ରୀ ଲେଙ୍କା, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ନାଥ, ସମାଜସେବୀ ପଦ୍ମନାଭ ପଟ୍ଟନାୟକ, ଶିବ ଚରଣ ଜେନା, ଯଜ୍ଞାଶୀଷ ମହାପାତ୍ର, ଯୁବନେତା ଅକ୍ଷୟ କୁମାର ଲେଙ୍କା, ଅଧ୍ୟାପକ ଡକ୍ଟର ଯୁଧିଷ୍ଠିର ଖଟୁଆ, ଡକ୍ଟର ପ୍ରଭାକର ଦାସ, ଭାଜପା ନେତା ଦିଲ୍ଲୀପ କୁମାର ମଲ୍ଲିକ, ସୁଶାନ୍ତ କୁମାର ମଲ୍ଲିକ, ବସନ୍ତ କୁମାର ନାୟକ ଯାଦବ ସଂଘର ସଭାପତି ଧନେଶ୍ୱର ବେହେରା, ସମ୍ପାଦକ ଧ୍ରୁବଚରଣ ବେହେରା, କୃଷ୍ଣକେଶବ ଆପଟ୍ଟ, ସୁରେଶ ବେହେରା, ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଉତ୍କଳୀୟ ଆଧାତ୍ମିକ, ସାମାଜିକ, ବିକାଶରେ ଓଡ଼ିଶୀ ସଂକୀର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ପିଲା ଜନ୍ମର ଏକୋଇଶିଆ ଉତ୍ସବଠାରୁ ଆରମ୍ଭ କରି ମୃତ୍ୟୁପରେ ଶବ ଶୋଭାଯାତ୍ରା ଚତୁର୍ଦ୍ଦଶ ଦିବସ ମୋକ୍ଷ କାର୍ଯ୍ୟକ୍ରମରେ ଓଡ଼ିଶୀ ସଂକୀର୍ତ୍ତନ ଯୁଗଯୁଗ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା, ଦୋଳମେଳଣ, ଦୁର୍ଗାପୂଜା ଓ ପ୍ରତ୍ୟେକ ପୂଜା ପାର୍ବଣରେ ଓଡ଼ିଶୀ ସଂକୀର୍ତ୍ତନ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସଂକୀର୍ତ୍ତନ ସେବକ ଲକ୍ଷ୍ମୀଧର ବେହେରା ସ୍ୱାଗତ ଜଣାଇବା ବେଳେ ପବିତ୍ର ମୋହନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ, ଉପଦେଷ୍ଟା ଆଶୁତୋଷ ସାମନ୍ତରାୟ, ଜଗଦାନନ୍ଦ ରାଉତରାୟ, ଯୁଧିଷ୍ଠିର ପରିଜା, କିଶୋର କୁମାର ବରାଳ, ଦେବେନ୍ଦ୍ର ମହାନ୍ତି, ଅର୍ଜୁନ ପରିଡ଼ା ପ୍ରମୁଖ ସଂକୀର୍ତ୍ତନ ପରିଚାଳନା କରିଥିଲେ । ଅଧିକାରୀ ଚୈତନ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂକୀର୍ତ୍ତନ କଳାକାରଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ କଳାକାର ଓ କଳାପ୍ରେମୀଙ୍କୁ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଏକ ନୂଆ ଲକ୍ଷ୍ୟ ସହ କୋଲ୍‌କାତାରେ ପହଞ୍ଚିଛି ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ୨୦୧୯-୨୦

ଭୂବନେଶ୍ୱର: ୟୁନିଭର୍ସ ଅଫ୍ ପ୍ରାଇଡ୍‌କୁ ଜୀବନ୍ତ କରି ସେଲିବ୍ରେଟେଡ୍ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ପାରମ୍ପରିକ ରନୱେ ଶୋ'ଏହାର ୧୫ତମ ସଂସ୍କରଣରେ ଫ୍ୟାଶନର ଏକ ନୂତନ ଚେହେରାକୁ ଉନ୍ମୋଚନ କରିବାକୁ ଯାଉଛି । ଏହି ଟୁର୍ କୋଲ୍‌କାତାଠାରେ ପ୍ରଖ୍ୟାତ ଫ୍ୟାଶନ ଡିଜାଇନର୍ ଅନାମିକା ଖାନ୍ନାଙ୍କ ସହ ଆରମ୍ଭ ହୋଇଛି, ଯିଏକି ନିଜର ଆକର୍ଷଣୀୟ ଡିଜାଇନ୍‌ଗୁଡିକ ମାଧ୍ୟମରେ ଅସାଧାରଣ କଳାର ଉଜାଗର କରି ଏକ ଚମତ୍କାର ଅଭିଜ୍ଞତା ପ୍ରଦାନ କରିଥିଲେ । ଶୋ'ର ଭବ୍ୟତାକୁ ଆହୁରି ବୃଦ୍ଧି କରି ଶୋଜଟପର୍ ଅର୍ଜୁନ କପୁର ଓ ଜାହ୍ନବି କପୁର ଅନାମିକାଙ୍କ ମାଷ୍ଟରପିସ୍‌ଗୁଡିକୁ ପରିଧାନ କରି ଖୁବ୍ ସୁନ୍ଦର ଦେଖାଯାଉଥିଲେ । ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍‌ର ପ୍ରତିଷ୍ଠିତ ୧୫ତମ ବର୍ଷ କ୍ୟୁରେଟର-ଇନ୍-ଚିଫ୍ ଭାବେ ଡିଜାଇନର୍ ଆଶିଷ ସୋନି ଓ ଇଣ୍ଡଷ୍ଟ୍ରୀ ଥଟ୍ ଲିଡର୍ ଫ୍ୟାଶନ ଡିଜାଇନ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ (ଏଫ୍‌ଡିସିଆଇ) ସହ ଏକ ସ୍ୱତନ୍ତ୍ର ସହଭାଗିତା ମାଧ୍ୟମରେ ଏକ ନୂତନ ଫର୍ମାଟ୍ ନେଇ ଆସିଛି । ଫ୍ୟାଶନ ଉପରେ ନିଜର ଧ୍ୟାନକେନ୍ଦ୍ରିତ କରି ଏହି ଟୁର୍ ଫ୍ୟାଶନର ଫେଷ୍ଟିଭାଲ୍‌କୁ ଉପସ୍ଥାପନ କରିବା ସହ ଏହାର ୩ଟି ମୁଖ୍ୟ ବିଷୟବସ୍ତୁ କ୍ରାଫ୍ଟ, ବ୍ଲେଣ୍ଡ ଓ ଆଇଡେଂଟିଟି ମାଧ୍ୟମରେ ଏକ ୟୁନିଭର୍ସ ଅଫ୍ ପ୍ରାଇଡ୍ ସୃଷ୍ଟି କରିବ ।

## ଦେଶ୍‌କି ଭାଷା ସହ ଭାରତର ୭୧ତମ ଗଣତନ୍ତ୍ର ଦିବସର ପାଳନ କରିଛି ଟିକ୍‌ଟକ୍

ଭୁବନେଶ୍ୱର(ପିଏନ) : ଗଣତନ୍ତ୍ର ଦିବସରେ ଜନପଥଠାରେ ଆକର୍ଷଣୀୟ ପରେଡ୍ ସହ ଦେଶର ବିଭିନ୍ନ ଅଂଶରେ ସ୍କୁଲ୍ ପିଲାମାନେ ଦେଶାତ୍ମବୋଧ ସଙ୍ଗୀତ ଗାଇ, ବିଭିନ୍ନ ପ୍ରଦର୍ଶନ କରି ଓ ତ୍ରିରଙ୍ଗା ପତାକା ଉଡାଇ ନିଜର ଦେଶପ୍ରେମଭାବନାକୁ ପ୍ରକାଶ କରିବା ଏକ ସାଧାରଣ ପରମ୍ପରା । ଚଳିତ ବର୍ଷ ଟିକ୍‌ଟକ୍ ସମୁଦାୟ ମଧ ଭାରତର ୭୧ତମ ଗଣତନ୍ତ୍ର ଦିବସକୁ ପାଳନ କରିବା ପାଇଁ ଏହି ଉତ୍ସବରେ ସାମିଲ ହୋଇଛି । ଭାରତର ବିବିଧ ସଂସ୍କୃତିକୁ ଜୀବନ୍ତ ରଖି ବିଶ୍ୱର ପ୍ରମୁଖ ସର୍ଟ-ଫର୍ମ ମୋବାଇଲ ଭିଡିଓ ଡେଷ୍ଟିନେସନ୍ ଟିକ୍‌ଟକ୍ ଏହାର ଗଣତନ୍ତ୍ର ଦିବସ ଅଭିଯାନ ୪ଦେଶ୍ କି ଭାଷାର ଉନ୍ମୋଚନ କରିଛି, ଯାହାର ଭ୍ୟୁ ସଂଖ୍ୟା ୪୧୫ ମିଲିୟନ୍‌ରେ ପହଞ୍ଚିଛି । ଏହି ଅଭିଯାନ ଉପଭୋକ୍ତାମାନଙ୍କୁ ନିଜ ନିଜର ମାତୃଭାଷାରେ ଟିକ୍‌ଟକ ସମୁଦାୟକୁ ଶୁଭେଚ୍ଛା ଜଣାଇ ଏହି ଐତିହାସିକ ଦିନକୁ ପାଳନ କରିବାକୁ ପ୍ରୋତ୍ସାହିତ କରୁଛି । ଦେଶ୍‌କିଭାଷା ଭାରତର ବିବିଧ ସଂସ୍କୃତିର ଏକ ପ୍ରତିଛବି ଏବଂ ଏହାର ୨୦୦ ମିଲିୟନର ମଜଭୁତ ଉପଭୋକ୍ତା ସମୁଦାୟ ଏହି ସ୍ୱତନ୍ତ୍ର ଦିନକୁ ପାଳନ କରିବା ପାଇଁ ଟିକ୍‌ଟକ୍‌ରେ ଏକତ୍ରିତ ହେଉଛନ୍ତି ।
ଏହି ଅଭିଯାନ ଏବେ ଲାଇଭ୍ ରହିଥିବା ବେଳେ ଏହା ଆସନ୍ତା ଜାନୁଆରୀ ୨୭ ତାରିଖ ୨୦୨୦ ପର୍ଯ୍ୟନ୍ତ ପରିଚାଳିତ ହେବ । ଏହି ଅଭିଯାନର ଅଂଶଭାବେ ଟିକ୍‌ଟକ୍ ସର୍ଟ ଇନ୍-ଆପ୍ କ୍ୱିଜଗୁଡ଼ିକର ମଧ ଆୟୋଜନ କରିବ, ଯେଉଁଠାରେ ଉପଭୋକ୍ତାମାନଙ୍କ ଭାରତ ସମ୍ବନ୍ଧିତ ତଥ୍ୟ ଓ ଜ୍ଞାନ ପରୀକ୍ଷା କରାଯିବ । ଏହି ଖୁସିର ଅବସରରେ ଟିକ୍‌ଟକ୍ ଏହାର ସମସ୍ତ ଉପଭୋକ୍ତାଙ୍କୁ ୭୧ତମ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଉଛି । ଟିକ୍‌ଟକ୍‌ରେ ସାମିଲ ହୁଅନ୍ତୁ ଓ ଏହି ପ୍ରତିଭାବାନ ଉପଭୋକ୍ତାଙ୍କ ଜୀବନ୍ତ ସମୁଦାୟର ଏକ ଅଂଶ ହୁଅନ୍ତୁ, ଯାହା ବିବିଧତା ମଧରେ ଏକତା ପ୍ରସଙ୍ଗକୁ ବିଶ୍ୱାସ କରିଥାଏ; ଯାହା ବାସ୍ତବରେ ଆମ ଦେଶକୁ ପରିଭାଷିତ କରିଥାଏ ।

## ଖଣି କ୍ଷେତ୍ରରେ ଚାପ ଯୋଗୁ ଜୀବନଜୀବିକାରେ ବାଧା ସୃଷ୍ଟି ହୋଇଛି:ଏଫ୍‌ଆଇଡିଆର୍

ଭୁବନେଶ୍ୱର : ଦେଶରେ ଖଣି କ୍ଷେତ୍ରରେ ପଡୁଥିବା ଚାପ ଯୋଗୁ ଜୀବନଜୀବିକାରେ ବହୁବିଧ ବାଧା ସୃଷ୍ଟି ହୋଇଛି । ଏନେଇ ଭାରତର ଅଗ୍ରଣୀ ସାମାଜିକ ସଂସ୍ଥା ଫୋରମ୍ ଫର୍ ଇଂଟିଗ୍ରେଟେଡ୍ ଡେଭଲପ୍‌ମେଂଟ୍ ଆଣ୍ଡ୍ ରିସର୍ଚ୍ଚ(ଏଫ୍‌ଆଇଡିଆର୍) ପକ୍ଷରୁ ୫ଟି ରାଜ୍ୟରେ ସର୍ଭେ କରାଯାଇ ଏକ ରିପୋର୍ଟ ଉପସ୍ଥାପନ କରାଯାଇଛି ।ସର୍ଭେରେ ଦେଶର ୬୦ ପ୍ରତିଶତ ଲୋକ ଖଣିକ୍ଷେତ୍ରରେ ଅନୁଭୁତ ହେଉଥିବା ଚାପ ଯୋଗୁ ସେମାନଙ୍କର ଜୀବନ ଶୈଳୀରେ ପରିବର୍ତନ ଆସିଥିବା ସ୍ୱୀକାର କରିଛନ୍ତି । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ହେବାରୁ ମାନସିକ ଚାପ ବଢ଼ିବାରୁ ୬୫ ପ୍ରତିଶତ ପାରିବାରିକ ହିଂସା ବଢୁଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ଗୋଆ ଏବଂ କର୍ନାଟକରେ ଏଭଳି ଘଟଣା ସର୍ବାଧିକ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି । ଫଳରେ ଏକ ତୃତୀୟାଶଂ ଲୋକ ସେମାନଙ୍କର ସନ୍ତାନଙ୍କୁ ଶସ୍ତା ବିକଳ୍ପ ଉପଲବ୍ଧ କରାଇବାକୁ ପସନ୍ଦ କରିଛନ୍ତି । ସରକାରଙ୍କ ତ୍ରୁଟିଯୁକ୍ତ ଖଣି ନୀତି ଯୋଗୁ ଏଭଳି ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି ।'ମାଇନିଂ, ଏ ପ୍ରୁଡେଂଟ୍ ପ୍ରସ୍‌ପେକ୍ଟିଭ୍' ନାମକ ଏହି ରିପୋର୍ଟରେ ଗୋଆ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଏବଂ କର୍ନାଟକରେ ହୋଇଥିବା ସର୍ଭେ ରିପୋର୍ଟକୁ ସ୍ଥାନୀତ କରାଯାଇଛି । ସର୍ଭେରେ ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାମିଲ୍ କରାଯାଇଥିଲା ।ଖଣି କ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା କେବଳ ଏଠାରେ କାମ କରୁଥିବା ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିନାହିଁ । ବରଂ ଏହା ସେମାନଙ୍କ ପରିବାର ତଥା ସେମାନଙ୍କର ଜୀବନଜୀବିକା ଉପରେ ମଧ ନକାରାତ୍ମକ ପ୍ରଭାବ ପକାଇଛି । ଏହାର ପ୍ରଭାବ ସର୍ବାଧିକ ମହିଳା ଏବଂ ଛୋଟ ପିଲାଙ୍କ ଉପରେ ପଡ଼ିଛି । ଖଣି କ୍ଷେତ୍ରରେ ସହଜରେ କାମ ମିଳୁଥିବା ୭୦ ପ୍ରତିଶତ ଲୋକ ସର୍ଭେ ସମୟରେ ନିଜର ମତାମତ ଦେଇଥିଲେ । ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିବାରୁ ମାନସିକ ସ୍ଥିତି ଦୁଃସ୍ଥ ହୋଇଥିବା ୨୭ ପ୍ରତିଶତ ଲୋକ ସର୍ଭେ ସମୟରେ ପ୍ରକାଶ କରିଥିଲେ ।ଏସମ୍ପର୍କରେ ଏଫ୍‌ଆଇଡିଆର୍‌ର ମେଂଟର ଚାରୁଦତ ପାଣିଗ୍ରାହୀ କୁହନ୍ତି, ଏହି ରିପୋର୍ଟରେ ଭାରତର ସାଧାରଣ ଲୋକଙ୍କ ସ୍ୱରକୁ ସ୍ଥାନୀତ କରାଯାଇଛି । ଖଣି ଏବଂ ଶକ୍ତି କ୍ଷେତ୍ର ଦ୍ୱାରେ ସମାନଙ୍କ ରଜୀବନଶୈଳୀ କିଭଳି ପ୍ରଭାବିତ ହେଉଛି ତାହା ସେମାନେ ପ୍ରକାଶ କରିଛନ୍ତି । ଦେଶ ଆଗାମୀ ଦିନରେ ୫ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଥିବାବେଳେ ଖଣି କ୍ଷେତ୍ରରେ ଜାରି ରହିଥିବା ଅସ୍ଥିରତା ଏହି କ୍ଷେତ୍ରରେ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି ।ଏହି ରିପୋର୍ଟରେ ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ଷ୍ଟେକ୍‌ହୋଲଡରଙ୍କ ସମ୍ପର୍କରେ ପ୍ରକାଶ ପାଇଛି । ସରକାରଙ୍କ ନିକଟରେ ଏହାର ଉପସ୍ଥାନ ଦ୍ୱାରା ଖଣି ନୀତିରେ ପରିବର୍ତନର ଆଶା ରହିଛି । ଖଣି କ୍ଷେତ୍ରରେ ବିକଳ୍ପ ନିଯୁକ୍ତି ସୁଯୋଗ ରହିଛି । ଭାରତ ସମଗ୍ର ବିଶ୍ୱରେ କୋଇଲା ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଲୌହ ଉତ୍ପାଦନରେ ଚତୁର୍ଥ, ଇସ୍ପାତ ଉତ୍ପାଦନରେ ୫ମ ଏବଂ ଆଲୁମିନିୟମ୍ ଉତ୍ପାଦନ କ୍ଷେତ୍ରରେ ୮ମ ସ୍ଥାନ ହାସଲ କରିପାରିଛି । କୋଇଲା, ଲୌହ, ଇସ୍ପାତ, ଆଲୁମିନିୟମ, ଚୂନପଥର ଆଦି ଭାରତର ଆର୍ଥିକ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାଦ୍ୱାରା ବାର୍ଷିକ ୮ ବିଲିୟନ୍ ଫରେନ୍ ଏକ୍ସଚେଞ୍ଜ୍ ସମ୍ପନ୍ନ ହୋଇଥାଏ । ଦେଶର ଜିଡ଼ିପିରେ ୨୦୧୧-୨୦୧୨ରେ ଖଣିକ୍ଷେତ୍ରରେ ଯୋଗଦାନ ୩ ପ୍ରତିଶତ ଥିବାବେଳେ ୨୦୧୮-୧୯ରେ ଏହା ୨.୬ ପ୍ରତିଶତକୁ ଖସି ଆସିଛି ।ଏସମ୍ପର୍କରେ ଏଫ୍‌ଆଇଡିଆର୍‌ର ନିର୍ଦ୍ଦେଶକ ସିଦ୍ଧାର୍ଥ ବେହେରା କୁହନ୍ତି,ଖଣିକ୍ଷେତ୍ର କିଭଳି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି ସେନେଇ ଦିଲ୍ଲୀରେ ଏକ ଦିନିକିଆ ଆଲୋଚନା ଚକ୍ର ୨୦୨୦ ଜାନୁୟାରୀ ୨୩ରେ ଅନୁଷ୍ଠିତ ହୋଇଯାଇଛି । ଖଣି କ୍ଷେତ୍ରରେ ଜାରି ରହିଥିବା ଚାପ ଯୋଗୁ ସାଧାରଣ ଲୋକଙ୍କ ଜୀବନଜୀବିକା, ପିଲାଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଉପରେ ବହୁବିଧ ପ୍ରଭାବ ପଡୁଥିବା ଉପସ୍ଥିତ ପ୍ୟାନେଲିଷ୍ଟମାନେ ନିଜର ସହମତି ପ୍ରକାଶ କରିଛନ୍ତି ।ଦେଶର ୫ଟି ରାଜ୍ୟରେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି ଯେ, ଖଣିକ୍ଷେତ୍ର ରାଜ୍ୟର ଜିଡ଼ିପିରେ ୧୨ ପ୍ରତିଶତ ଯୋଗଦାନ କରିଥାଏ । ଗୋଆରେ ଖଣିକ୍ଷେତ୍ର ଉପରେ ରୋକ ଲାଗିବା ଦ୍ୱାରା ୩୪ ବିଲିୟନ୍ ଟଙ୍କାର ରାଜସ୍ୱ ଉପରେ ପ୍ରଭାବ ପଡିଛି । ଏହା ପ୍ରସ୍ତାବିତ୍ ୫ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥା ଉପରେ ମଧ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଖଣିକ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା ଯୋଗୁ ଗୋଆର ୩ ଲକ୍ଷ ଲୋକଙ୍କ ଜୀବନଶୈଳୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି । ଗୋଆ, ଓଡ଼ିଶା ଏବଂ କର୍ନାଟକରେ ଖଣି ଉପରେ ଲଗାତାର ରୋକ ଲାଗିବା ଦ୍ୱାରା ଏସବୁ ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଫଳରେ ନିବେଶକ ବିଶ୍ୱାସନୀୟତା ହରାଇବାରେ ଲାଗିଛନ୍ତି । ଏହାଦ୍ୱାରା ସମ୍ପୃକ୍ତ ରାଜ୍ୟଗୁଡ଼ିକର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି ।

# ଖେଳ






## ରେନୋ ଟ୍ରାଇବର ର ସଫଳତାର ଧାରା ଅବ୍ୟାହତ ରହିଛି : ଅଟୋ ଏକ୍ସପୋ ୨୦୨୦ ରେ ଟ୍ରାଇବର ଇଜି-ଆର ଏଏମ୍‌ଟି ର ଶୁଭାରମ୍ଭ ହେବାକୁ ଯାଉଛି

ନୂଆଦିଲ୍ଲୀ : ରେନୋ, ଭାରତରେ ନମ୍ବର ୧ ୟୁରୋପିୟାନ୍ ବ୍ରାଣ୍ଡ ଆଜି ଅଟୋ ଏକ୍ସପୋ ୨୦୨୦ ରେ ଟ୍ରାଇବର ଇଜି-ଆର ଏଏମ୍‌ଟି ର ଉନ୍ମୋଚନ କରିଛି । ରେନୋ ଟ୍ରାଇବର ଇଜି-ଆର ଏଏମ୍‌ଟି ଫାବ୍ରିସ୍ କାମ୍ବୋଲିଭ୍, ଏସ୍‌ଭିପି, ଆଫ୍ରିକା-ମିଡିଲ୍-ଇଷ୍ଟ-ଇଣ୍ଡିଆ- ପାସିଫିକ୍ ରିଜିୟନର ଚେୟାରମ୍ୟାନ, ଗ୍ରୁପ୍ ରେନୋ ଓ ଭେଙ୍କଟରାମ ମାମିଲାପାଲେ, କଂଟ୍ରି ସିଇଓ ଓ ମ୍ୟାନେଜିଂ ଡାଇରେକ୍ଟର, ରେନୋ ଇଣ୍ଡିଆ ଅପରେସନ୍‌ସଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ରେନୋ ଟ୍ରାଇବର ଇଜି-ଆର ଏଏମ୍‌ଟି ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଶୁଭାରମ୍ଭ କରାଯିବ । ଭାରତ ଓ ଫ୍ରାନ୍‌ସର ରେନୋ ଟିମ୍‌ର ଯୁଗ୍ମ ପ୍ରକଳ୍ପର ଫଳାଫଳ ସ୍ୱରୂପ, ରେନୋ ଟ୍ରାଇବରକୁ ଭାରତୀୟ ବଜାରକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି । ୪ ମିଟର ମଧ୍ୟରେ ଏଥିରେ ଅନେକ ଆଧୁନିକ ଓ ପ୍ରାକ୍ଟିକାଲ୍ ବୈଶିଷ୍ଟ୍ୟକୁ ସନ୍ନିବେଶିତ କରାଯାଇଛି । ରେନୋ ଟ୍ରାଇବରରେ ୪ ମିଟରରୁ କମ୍ ଲମ୍ବ ମଧ୍ୟରେ ରହିଛି ସୁପର-ସ୍ପେଶିୟସ, ଅଲ୍‌ଟ୍ରା ମଡ୍ୟୁଲାର, ମୂଲ୍ୟ ଉପଯୋଗୀ, ଇନ୍ଧନ ଦକ୍ଷ ଯାନ ସହିତ ଆକର୍ଷଣୀୟ ଇଂଟେରିୟର ଯାହାକି ଏହାକୁ ଏକ ଆଧୁନିକ ଗାଡ଼ିର ରୂପ ପ୍ରଦାନ କରୁଛି । ଇଜି-ଆର ଏଏମ୍‌ଟି ବିକଳ୍ପ ସହିତ, ରେନୋ ଆହୁରି ଫ୍ଲେକ୍‌ସିବଲ୍, ଆକର୍ଷଣୀୟ ଓ ମୂଲ୍ୟ ଉପଯୋଗୀ ହୋଇପାରିବ । ଏହା ସହରରେ ଓ ହାଇୱେରେ ଏକ ଆରାମଦାୟକ ଗ୍ରାହକ ଅନୁଭୂତି ପ୍ରଦାନ କରିବ । ଏହାର ଇଜି-ଆର ଟେକ୍‌ନୋଲୋଜି ସହିତ ଟ୍ରାଫିକ୍ ଆସିଷ୍ଟ ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି ଯାହା ସହାୟତାରେ ଆପଣ ଅଧିକ ଟ୍ରାଫିକ୍ ଅବସ୍ଥାରେ ମଧ୍ୟରେ ସହଜରେ ନାଭିଗେଟ୍ କରିପାରିବେ । ଏହା ଉତ୍କୃଷ୍ଟ ଇନ୍ଧନ ଦକ୍ଷତା ପ୍ରଦାନ କରିଥାଏ ଓ ଏହାକୁ ବଜାରର ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । "ରେନୋ ଟ୍ରାଇବରର ଶୁଭାରମ୍ଭ ସହିତ, ଭାରତୀୟ ଅଟୋମେଟିଭ୍ ଉଦ୍ୟୋଗରେ ଏହା ନୂତନ ସ୍ଥାନ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଥିଲୁ । ସ୍ପେସ୍ ଓ ମଡ୍ୟୁଲାରିଟି କ୍ଷେତ୍ରରେ ରେନୋ ଟ୍ରାଇବର ଏକ ବିଶେଷ ସ୍ଥାନ ଗ୍ରହଣ କରିଛି । ବି ସେଗ୍‌ମେଂଟର ଏହି ଗାଡ଼ିକୁ ସମସ୍ତ ପ୍ରକାର ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ଏହା ମଧ୍ୟ ଭାରତୀୟ ଅଟୋମୋବାଇଲ୍ ମାର୍କେଟରେ ଏକ ବୃହତ୍ ଓ ଦ୍ରୁତ ବର୍ଦ୍ଧନଶୀଳ ବିଭାଗରେ ଉପସ୍ଥିତ ହେବାର ସୁଯୋଗ ପ୍ରଦାନ କରିଛି । ଗ୍ରାହକଙ୍କର ଉଲ୍ଲେଖନୀୟ ପ୍ରଶଂସାକୁ ଆମକୁ ବହୁତ ପ୍ରେରଣା ଯୋଗାଉଛି ଓ ଆଜି ଆମେ ଟ୍ରାଇବର ଯାତ୍ରା କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ଯାଇ ନୂଆ ରେନୋ ଟ୍ରାଇବର ଇଜି-ଆର ଏଏମ୍‌ଟି ର ଉନ୍ମୋଚନ କରୁଛୁ" ବୋଲି କହିଛନ୍ତି ଭେଙ୍କଟରାମ୍ ମାମିଲାପାଲେ, କଂଟ୍ରି ସିଇଓ ଓ ମ୍ୟାନେଜିଂ ଡାଇରେକ୍ଟର, ରେନୋ ଇଣ୍ଡିଆ ଅପରେସନ୍ସ । ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଧ୍ୟାନରେ ରଖି, ଏଏମ୍‌ଟି ଟେକ୍‌ନୋଲୋଜି ବିଭିନ୍ନ ବିଭାଗ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି ଓ ରେନୋ ଟ୍ରାଇବର ଇଜି ଆର ଏଏମ୍‌ଟି ପୋର୍ଟଫୋଲିଓର ନିର୍ମାଣ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ । ଦୃଢ଼ ଉତ୍ପାଦ ପ୍ଲାନ, ଉନ୍ନତ କୌଶଳ ଓ ସମସ୍ତ ପାର୍ଟନରମାନଙ୍କ ସହିତ ସହଯୋଗମୂଳକ କାର୍ଯ୍ୟ ଦ୍ୱାରା ଆମେ ୨୦୨୦ ରେ ଆମର ବିକାଶର ଧାରା ବଜାୟ ରଖିବୁ । ଆମେ ରେନୋ ପରିବାରରେ ଆହୁରି ଅନେକ ଗ୍ରାହକଙ୍କୁ ସ୍ୱାଗତ କରିବାର ଆଶା କରୁଛୁ ବୋଲି କହିଛନ୍ତି ଶ୍ରୀ ମାମିଲାପାଲେ ।

## ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା

ଜୟପୁର: ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଜୟପୁରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜିତ ଏହି ସଚେତନତା ଶୋଭାଯାତ୍ରା ଜୟପୁର ପୁରୁଣା ଉପଖଣ୍ଡ ଚିକିତ୍ସାଳୟରୁ ବାହାରି ରଜାନହର ଦେଇ ପୁଣି ତାଲିମ କେନ୍ଦ୍ରକୁ ଫେରିଥିଲା । ଜିଲା ଚିକିତ୍ସାଳୟର ସୁପରିଟେଣ୍ଡେଟ ଡାକ୍ତର ରାମକୃଷ୍ଣ ମହାନ୍ତି ପତାକ ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ସରକାରୀ ଏ.ଏମ.ଏମ ତାଲିମ କେନ୍ଦ୍ରର ଛାତ୍ରୀମାନେ ସାମିଲ ହୋଇଥିଲେ । ଛାତ୍ରୀମାନେ ହାତରେ ସଚେତନତା ପ୍ଲା କାର୍ଡ ଧରି ଲୋକଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ଅରୁଣ ପାଢୀ, ଡାକ୍ତର ଏସ.ଟି. ପ୍ରୟାଗ, ମାଧବ ପାଙ୍ଗି, ସତିଶ ତ୍ରିପାଠି. ଚିନ୍ମୟ ବେହେରା, ସମିକ୍ଷା ସାହୁ, ଶ୍ୟାମ ସୁନ୍ଦର ବିଶ୍ୱାଳ, ଯୋଶଫ ଚେଟ୍ଟି, ସମାଜିକ କର୍ମୀ କାର୍ତିକ ରାଉତ ପ୍ରମୁଖ ସାମିଲ୍ ଥିଲେ ।

## ଓଡ଼ିଶାରେ ଜନଜାତି ସଂଗ୍ରହାଳୟ ଦାବି ରଖିଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର : କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆଜି ସଂସଦରେ ଓଡ଼ିଶାରେ ଏକ ରାଷ୍ଟ୍ରୀୟ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା ନେଇ ଦାବି ଉଠାଇଛନ୍ତି । ଆଜି ଶୂନ୍ୟକାଳରେ ଲୋକସଭାରେ ଶ୍ରୀ ସାମନ୍ତ ଏହି ଦାବି ଉତ୍ଥାପନ କରି କହିଲେ, ଓଡ଼ିଶା ହେଉଛି ଏକ ଜନଜାତି ବହୁଳ ରାଜ୍ୟ । ଏହାର ମୋଟ ଲୋକସଂଖ୍ୟା ୨୪ ପ୍ରତିଶତ ହେଉଛନ୍ତି ଜନଜାତି । ଓଡ଼ିଶାରେ ୬୨ ପ୍ରକାର ଜନଜାତି ସଂପ୍ରଦାୟ ଓ ୧୩ ପ୍ରକାର ଆଦିମ ଜନଜାତି ସଂପ୍ରଦାୟ ରହିଥିବା ବେଳେ ଏହା ଭାରତର ଅନ୍ୟ କୌଣସି ରାଜ୍ୟରେ ଦେଖାଯାଇନଥାଏ । ଜନଜାତି ହେଉଛନ୍ତି ଓଡ଼ିଶାର ଆତ୍ମା । ଓଡ଼ିଶାରେ ଜନଜାତି ଅଞ୍ଚଳ ତଥା ଜନଜାତି ସଂପ୍ରଦାୟ ଲୋକଙ୍କ ବିକାଶ, ସେମାନଙ୍କ ବହୁବିଧ ସାଂସ୍କୃତିକ ଐତିହ୍ୟ, ପରମ୍ପରା, କଳାକୁ ବର୍ତ୍ତମାନ ଓ ପରବର୍ତ୍ତୀ ପିଢ଼ି ପାଇଁ ସଂରକ୍ଷିତ ରଖିବା ଲାଗି ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ଜନଜାତି ବହୁଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ତେଣୁ ରାଷ୍ଟ୍ରୀୟ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରକୃଷ୍ଟ ସ୍ଥାନ ହେଉଛି ଓଡ଼ିଶା । ଏ ଦିଗରେ କେନ୍ଦ୍ର ସରକାର ବିଶେଷ କରି କେନ୍ଦ୍ର ଜନଜାତି ବିକାଶ ମନ୍ତ୍ରୀ ପ୍ରସ୍ତାବିତ ରାଞ୍ଚି ରାଷ୍ଟ୍ରୀୟ ଜନଜାତି ସଂଗ୍ରହାଳୟ ଭଳି ଓଡ଼ିଶାରେ ମଧ୍ୟ ଏକ ରାଷ୍ଟ୍ରୀୟ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ସାମନ୍ତ ଅନୁରୋଧ କରିଥିଲେ । ସେହିପରି ଆଜି ଲୋକସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ କନ୍ଧମାଳ ସାଂସଦ ଶ୍ରୀ ସାମନ୍ତ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ କୌଣସି ଅର୍ଥ ମଞ୍ଜୁର କରିଛନ୍ତି କି ବୋଲି କେନ୍ଦ୍ର ଯୋଜନା ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତଙ୍କୁ ଏକ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଭଲ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକୁ କାପାସିଟି ବିଲ୍ଡିଂ ନିମନ୍ତେ ସହାୟତା କେନ୍ଦ୍ର ସରକାର ବ୍ୟବସ୍ଥା କରିବା ସହିତ ପଛୁଆ ରାଜ୍ୟଗୁଡ଼ିକୁ ଏଥିପାଇଁ ଅର୍ଥ ମଞ୍ଜୁର କରିବେ କି ବୋଲି ଶ୍ରୀ ସାମନ୍ତ ପ୍ରଶ୍ନ ଉଠାଇଥିଲେ । ଏହାର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ କହିଲେ, ସଂଘୀୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ମନୋଭାବକୁ ବଜାୟ ରଖିବା ନିମନ୍ତେ ଏହି ଉଦ୍ଦେଶ୍ୟରେ କୌଣସି ରାଜ୍ୟକୁ ନିର୍ଦ୍ଦିଷ୍ଟ ଅର୍ଥ ମଞ୍ଜୁର କରାଯାଇ ନଥାଏ ।



## ଫୋନପେ ବର୍ତ୍ତମାନ ଭୁବନେଶ୍ୱରରେ ୮୦,୦୦୦ରୁ ଅଧିକ ଅଫ୍‌ଲାଇନ ଦୋକାନରେ ଲାଇଭ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ, ଆଜି ଘୋଷଣା କରିଛନ୍ତି ଯେ ଏହା ବର୍ତ୍ତମାନ ଭୁବନେଶ୍ୱରର ୮୦,୦୦୦ରୁ ଅଧିକ ଅଫ୍‌ଲାଇନ ବ୍ୟବୟାସୀ ଆଉଟଲେଟରେ ପେମେଣ୍ଟ ବିକଳ୍ପ ରୂପେ ଲାଇଭ ଅଟେ । ଏହି ମାଇଲ ଖୁଣ୍ଟି ସହରରେ ବଡ ସଂଗଠିତ ରିଟେଲ ଷ୍ଟୋର୍‌ର ସହିତ ଛୋଟ ଏବଂ ମଧ୍ୟମ ଧରଣର ରିଟେଲ ଷ୍ଟୋରରେ ଫୋନପେର ଅଭୁଦପୂର୍ଣ୍ଣ ଗ୍ରହଣଯୋଗ୍ୟକୁ ପ୍ରତିଫଳିତ କରିଥାଏ । ଭୁବନେଶ୍ୱର ଓଡିଶା ରାଜ୍ୟରେ ଫୋନପେର ଉପସ୍ଥିତିର ନେତୃତ୍ୱ ନେଇଥାଏ, ଯେଉଁଠି ୧,୫୭,୦୦୦ ରୁ ଅଧିକ ଅଫ୍‌ଲାଇନ ଦୋକାନରେ ଏହାକୁ ସ୍ୱୀକାର କରାଯାଇଛି । ପୂର୍ବ ଭାରତରେ ଫୋନପେର ସମୁଦାୟ ଅଫଲାଇନ ବ୍ୟବସାୟର ପ୍ରାୟ ଏକ ଷଷ୍ଠାଂଶ ପୂର୍ବୀୟ ରାଜ୍ୟ ଅଟେ । ଏହି ମାଇଲଖୁଣ୍ଟି ଉପରେ ମ'ବ୍ୟ ଦେଇ ଫୋନପେର ଅଫଲାଇନ ବ୍ୟବସାୟର ମୁଖ୍ୟ, ବିବେକ ଲୋହଚେବ କହିର୍ଛି ଯେ, 'ଫୋନପେ ଭାରତର ସବୁଠାରୁ ବଡ ପେମେଣ୍ଟ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ, ଯେଉଁଥିରେ ୩୦୦ ସହଗୁଡିକର ୯୦ ଲକ୍ଷରୁ ଅଧିକ ବ୍ୟବସାୟୀ ରହିର୍ଛି । ଆମର ବିନିମୟର ୬୫%ରୁ ଅଧିକ ଟିୟର ୨ ଏବଂ ୩ ସହରରୁ ଆସିଥାଏ । ଉପଭୋକ୍ତା ଏବଂ ବ୍ୟବସାୟୀ ଉଭୟଙ୍କ ପାଇଁ ଡିଜିଟାଲ ପେମେଣ୍ଟ ଆମୂଳ ପରିବର୍ତ୍ତନ କରିବା ଆମର ପ୍ରୟାସର ଅନୁରୂପ, ଆମେ ଭୁବନେଶ୍ୱରରେ ୮୦,୦୦୦ ବ୍ୟବୟାସୀଙ୍କ ମାଇଲ ଖୁଣ୍ଟି ପର୍ଯ୍ୟ' ପହଞ୍ଚିଥିବାରୁ ଅତ୍ୟ' ଉସାହି ଅଟୁ, ଯାହା ବର୍ତ୍ତମାନ ଆମ ପାଖରେ ପୂର୍ବ ଭାରତରେ ୧୦ ଲକ୍ଷ ଅଫଲାଇନ ବ୍ୟବସାୟୀ ଅଂଶ ବିଶେଷ ଅଟେ, ଯାହା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅଞ୍ଚଳ ମଧ୍ୟରୁ ଗୋଟିଏ ଅଟୋ'

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ

ଧର୍ମଶାଳା: ଯାଜପୁର ଜିଲା ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠରେ ୧୯୭୧ରୁ ୧୯୭୫ ମସିହା ବ୍ୟାଚର ପୁରାତନ ବନ୍ଧୁମାନଙ୍କୁ ନେଇ ମିଳନ ଉତ୍ସବ ବିଦ୍ୟାଳୟ ପରିସର ଖେଳ ପଡିଆରେ ଏକ ମନୋଜ୍ଞ ପରିବେଶରେ ମହାସମାରୋହରେ ପାଳନ ହୋଇଯାଇଛି । ୭୦ ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବିନାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ମୁଖ୍ୟବକ୍ତା, ଭାଗ୍ୟଧର ମହାନ୍ତି, ସଚ୍ଚିଦାନନ୍ଦ ଜେନା, ଉମାକାନ୍ତ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବନ୍ଧୁତା ମଣିଷକୁ ବଂଚିବା ଓ ବଢିବା ନିମନ୍ତେ ପ୍ରେରଣା ଯୋଗାଇଥାଏ । ପ୍ରଥମତଃ ଦିବଂଗତ ଗୁରୁଜୀ ଓ ସହପାଠୀମାନଙ୍କ ସଦଗତି କାମନା ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାକ୍ତନ ଛାତ୍ର ରତିକାନ୍ତ ସାମନ୍ତରାୟ, ମହେଶ୍ୱର ବିଶ୍ୱାଳ ଓ ଅଭିମନ୍ୟୁ ଧଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମସ୍ତ ଗୁରୁଜୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ରାଉତ, ଗୁରୁଦତ ଲଳାଟେନ୍ଦୁ ସାମଲ, ରଣଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ରେଳ ବଜେଟ୍ ଓଡ଼ିଶାକୁ ଅନୁଦାନ କମିଲା : ସାଂସଦମାନେ ପାର୍ଲାମେଣ୍ଟରେ ଏକଥା ଉଠାଇବାକୁ ଦାବି : ସମାଜବାଦୀ ପାର୍ଟି

ଭୁବନେଶ୍ୱର : ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରକୁ ଅନୁଦାନ ଥିଲା ୫୯୯୩କୋଟି ଟଙ୍କା । ୨୦୨୦-୨୧ ଆର୍ଥିକ ବର୍ଷରେ ଓଡ଼ିଶାକୁ ରେଳ ବଜେଟ୍ ରହିଛି ୪୩୭୩ କୋଟି ଟଙ୍କା । ପୂର୍ବବର୍ଷ ଅପେକ୍ଷା ପ୍ରାୟ ୧୬୨୦ କୋଟି ଟଙ୍କା ଅନୁଦାନ କମିଯାଇଛି । ଅନୁଦାନ ବଢିବା ପରିବର୍ତ୍ତେ ରେଳବାଇ ଅନୁଦାନ କମିବା ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ଅବହେଳାର ଅନ୍ୟ ଏକ ନମୂନା ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଟିକସ ହାସ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ଅନୁଦାନ ଗତବର୍ଷ ୩୯ ହଜାର କୋଟି ଟଙ୍କା ଥିଲାବେଳେ ଏବର୍ଷ ପ୍ରାୟ ୩୬ ହଜାର କୋଟି ଟଙ୍କା ରହିଛି । ତେଣୁ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ୩ ହଜାର କୋଟି ଟଙ୍କା କମିଯାଇଛି । ବଜେଟ୍ ପୂର୍ବରୁ ରାଜ୍ୟ ସରକାର ରେଳବାଇ କ୍ଷେତ୍ରକୁ ଅଧିକ ଅନୁଦାନ ଆଶା କରୁଥିଲେ । କିନ୍ତୁ ଅନୁଦାନ ଅଧିକ ମିଳିବା ପରିବର୍ତ୍ତେ ତାହା କମିଗଲା । ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯିଏ ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ମାଗଣାରେ ଜମି ଯୋଗାଇଦେବା ସହିତ ପ୍ରକଳ୍ପର ଅର୍ଦ୍ଧାଧିକ ଟଙ୍କା ନିଜେ ବହନ କରୁଛି । ପଡ଼ୋଶୀ ରାଜ୍ୟମାନଙ୍କ ଅପେକ୍ଷା ଓଡ଼ିଶାର ରେଳ ସାନ୍ଦ୍ରତା ବହୁତ କମ୍ ରହିଛି । ବହୁ ଲଢେଇ ପରେ ଆମେ ପୂର୍ବତଟ ରେଳଜୋନ୍ ପାଇପାରିଛୁ । କିନ୍ତୁ ତା'ସତ୍ତ୍ୱେ ବାର୍ଷିକ ଆମେ ୧୫ ହଜାର କୋଟି ଟଙ୍କା ରେଳବାଇକୁ ଦେଉଥିଲାବେଳେ ଅନୁଦାନ କମ୍ ପାଉଛୁ । ଓଡ଼ିଶାର ଏହି ହକ୍‌କୁ ନେଇ ଦଳମତ ନିର୍ବିଶେଷରେ ବିଜେଡ଼ି, ବିଜେପି ଓ କଂଗ୍ରେସ ସାଂସଦମାନେ ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ବେହେରା ସେମାନଙ୍କୁ ଆହ୍ୱାନ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ଏ କଥାର ପ୍ରତିବାଦ ରେଳମନ୍ତ୍ରୀଙ୍କ ପାଖରେ କରିବା ପାଇଁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଏରୋସ୍ପେସ ଓ ଆଭିଏସନ କ୍ଷେତ୍ର ପାଇଁ ଏନଏସଡିସି ର କୁଶଳୀ ପ୍ରତିଭା ପ୍ରସ୍ତୁତି

ଭୁବନେଶ୍ୱର : ଏରୋସ୍ପେସ ଏବଂ ଆଭିଏସନ ସେକ୍ଟର ସ୍କିଲ କାଉନସିଲ (ଏଏଏସଏସସି) ଓ ନ୍ୟାସନାଲ ସ୍କିଲ ଡେଭେଲପମେଂଟ କର୍ପୋରେସନ (ଏନଏସଡିସି) ସହଯୋଗରେ ଆଭିଏସନ ଉଦ୍ୟୋଗର ୫ ଟି ଉପକ୍ଷେତ୍ରରେ ୭୨ ପ୍ରକାର କର୍ମ ନିଯୁକ୍ତି ପାଇଁ ଯୋଗ୍ୟତା ନିୟମାବଳୀ ପ୍ରସ୍ତୁତ କରାଯାଇଛି । ଆଗାମି ଦିନଗୁଡିକରେ ଏରୋସ୍ପେସ ଓ ଆଭିଏସନ କ୍ଷେତ୍ରରେ ଚାହିଦା ବୃଦ୍ଧି ହେବା ଆଶା କରାଯାଇଥିବାରୁ ଏଥିପାଇଁ କାର୍ଯ୍ୟବଳ ପ୍ରସ୍ତୁତ କରିବା ଏହି ପରିକଳ୍ପନା ର ମୂଖ୍ୟ ଉଦ୍ଦେଶ୍ୟ । ଭାରତୀୟ ବିମାନ ବଜାର ଦୃତ ଗତିରେ ବୃଦ୍ଧି ପାଉଛି । ଏହା ଚଳିତ ବର୍ଷ ତୃତୀୟ ଏବଂ ୨୦୩୦ରେ ସର୍ବବୃହତ ବଜାର ଭାବରେ ଉଭା ହେବ ବୋଲି ଆଶା କରାଯାଉଛି । ଏହି ନୂତନ ପରିଯୋଜନା ଅନୁସାରେ ଏୟାରଲାଇନ କ୍ୟାବିନ କ୍ରୁ, ଏୟାରଲାଇନ କଷ୍ଟମର ସର୍ଭିସ ଏକଜୁକ୍ୟୁଟିଭ, ଏୟାରଲାଇନ ରିଜରଭେସନ ଏଜେଂଟ, ଏୟାରଲାଇନ ରାମ୍ପ ଏକଜୁକ୍ୟୁଟିଭ ଆଦି କୋର୍ସ ପ୍ରଚଳନ କରାଯିବ । ଏହି ପଦକ୍ଷେପ ପାଇଁ ୨୦୧୯ରେ ଋଷିଆର କାଜାନ ଠାରେ ଅନୁଷ୍ଠିତ ଓ୍ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗୀତାରେ ଭାରତର ଉଚ୍ଚ ପ୍ରଦର୍ଶନ ପ୍ରେରଣା ଯୋଗାଇଛି ।



ଏଥିରେ ୨୩ ବର୍ଷୀୟା ଆନନ୍ଦ ଶ୍ରୀ ଗଣେଷ ଭାରତର ପ୍ରତିନିଧିତ୍ୱ କରିଥିଲେ ।ଉଦ୍ୟୋଗ ଜଗତର ଅନୁମାନ ମୁତାବକ ମୋଟ ୧୧୬.୭ମିଲିୟନ ଇନବାଉଣ୍ଡ ଓ ଆଉଟବାଉଣ୍ଡ ଯାତ୍ରୀ ବର୍ତମାନ ଭାରତ ସିଭିଲ ଆଭିଏସନ କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ରହିଛି । ୨୦୩୫ ମସିହା ସୁଦ୍ଧା ଭାତରୀୟ ସିଭିଲ ଆଭିଏସନ କ୍ଷେତ୍ରରେ ୦.୮ମିଲିୟନ ରୁ ୧ମିଲିୟନ ଲୋକ ପ୍ରତ୍ୟେକ୍ଷ ଭାବରେ ଏବଂ ପ୍ରାୟ ୩ ମିଲିୟନ ପରୋକ୍ଷ ଭାବରେ ଏୟାରପୋର୍ଟ, ଏୟାରଲାଇନ୍‌ସ କାର୍ଗୋ, ଏମଆରଓ ଓ ଗ୍ରାଉଣ୍ଡ ହ୍ୟାଣ୍ଡଲିଙ୍ଗ ରେ ନିୟୋଜିତ ହେବେ ।ଏହି କ୍ଷେତ୍ରରେ କୁଶଳୀ କାର୍ଯ୍ୟବଳର ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ଏନଏସଡିସି ପକ୍ଷରୁ ଫେବୃୟାରୀ ୬ ତାରିଖରେ ୧୧ତମ ଡେଫଏକ୍ସପୋ ୨୦୨୦ରେ ଏକ କର୍ମଶାଳା ଆୟୋଜନ କରାଯାଇଛି । ଡେଫଏକ୍ସପୋ ୨୦୨୦ ର ଆୟୋଜନ ଲକ୍ଷ୍ନୌ ଠାରେ ଫେବୃୟାରୀ ୫ ରୁ ୯ ତାରିଖ ମଧ୍ୟରେ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗ ଜଗତର ସବୁ ହିତାଧିକାରୀ ମାନେ ବିଭିନ୍ନ ବିଷୟ, ସମାଧାନ ଓ ସର୍ବଶ୍ରେଷ୍ଠ ପ୍ରଥା ଉପରେ ଚର୍ଚ୍ଚା କରିବେ । ଏଠାରେ ଏରୋସ୍ପେସ, ଆଭିଏସନ ତଥା ପ୍ରତିରକ୍ଷା କ୍ଷେତ୍ରରେ ଥିବା କୌଶଳର ଆବଶ୍ୟକତା ଓ ପ୍ରଚଳିତ ବ୍ୟବସ୍ଥା ରେ ଥିବା ତାରତମ୍ୟ ଉପରେ ଆଲୋଚନା କରାଯିବ । ଏହି କାର୍ଯ୍ୟକ୍ରମରେ ଦୃତ ଡିଜିଟାଲାଇଜେସନ ସହ ଦେଶରେ ଉପଲବ୍ଧ କୌଶଳ ଉପରେ ଚର୍ଚ୍ଚା କରାଯିବ । ଏହି ଅବସରରେ ଏନଏସଡିସି ସହ ଏଏଏସଏସସି ବୁଝାମଣା, ଏୟାର ଇଣ୍ଡିଆ ଏସଟିଏସ ଏୟାରପୋର୍ଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ ଦ୍ୱାରା ଆରପିଏଲ ଉପରେ ଆଲୋକପାତ କରାଯିବ । ଏହି ବୁଝାମଣା ମୁତାବକ ବର୍ତମାନ ଶୁଦ୍ଧା ୩୧୭୯ ପ୍ରର୍ଥୀଙ୍କ ମୂଲ୍ୟାଙ୍କନ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଏତଦ୍‌ବ୍ୟତିତ ଏହି ପରିଯୋଜନାରେ ୧୩ଟି ନିଯୁକ୍ତି ପ୍ରକାର ପାଇଁ ୬୭୦୦ପ୍ରାର୍ଥୀଙ୍କ ମୂଲ୍ୟାଙ୍କନ କରାଯାଇ ସାର୍ଟିଫିକେଟ ଦିଆଯିବ । ଆଭିଏସନ ସ୍କିଲିଙ୍ଗ ପାଇଁ ଚଣ୍ଡିଗଡ ଠାରେ ମଲ୍ଟି ସ୍କିଲ ଡେଭେଲପମେଂଟ ସେଂଟର ର ସ୍ଥାପନା କରାଯାଇଛି । ଏଠାରେ ୨୪୦୦ ଯୁବକ ଯୁବତୀ ଙ୍କୁ ୩ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଦିଆଯିବ ।

## ଅଜଣା ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

ଧର୍ମଶାଳା:ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିବିଲି ଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ, ଆଜି ପୂର୍ବହ୍ନରେ ଏହି ଥାନା ଅନ୍ତର୍ଗତ ବରୀ-କାଇପଡା ମୁଖ୍ୟ ରାସ୍ତା ବାଲିବିଲିସ୍ଥ ଗାନ୍ଧୀଛକ ନିକଟରେ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ବାଲିବିଲି ପଡିହାରୀ ସାହିର ନବଘନ ପଡିହାରୀ (୬୦) ବୋଲି ଜଣାପଡିଛି । ନବଘନ କ୍ଷେତରୁ ଚାଷ କାମ ସାରି ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ନବଘନ ଗୁରୁତର ହୋଇ ରାସ୍ତା ଉପରେ ପଡିଯାଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ।

## ଓଡିଶା ଲୋକଙ୍କ ପାଇଁ ସପିଙ୍ଗ୍‌କୁ ସହଜ କରିଛି ବଜାରଓନେଟ୍

ଭୁବନେଶ୍ୱର: ଭୁବନେଶ୍ୱର ଆଧାରିତ ଏକ ନୂତନ ପିଢିର ସପିଙ୍ଗ୍ ପ୍ଲାଟ୍‌ଫର୍ମ, ବଜାରଓନେଟ୍ ପକ୍ଷରୁ ଆଜି ଓଡିଶା ବଜାରରେ ଏହାର ପରିଚାଳନା ଆରମ୍ଭ କରାଯାଇଛି । ଏମଡ଼ି ଏବଂ ସିଇଓ-ସୟ ମହାପାତ୍ର, ସିଏମଡ଼ି-ପ୍ରଦୀପ କୁମାର ଦାଶ ଏବଂ ଏମଡ଼ି ଅପରେସନ୍- ସୁଶ୍ରୀ' ମହାପାତ୍ରଙ୍କ ଭଳି ଯୁବ ଉଦ୍ୟୋଗୀଙ୍କ ଟିମ୍ ଦ୍ୱାରା ପରିଚାଳିତ ବଜାରଓନେଟ୍ ରାଜ୍ୟବାସୀଙ୍କ ପାଇଁ ସପିଙ୍ଗ୍‌କୁ ଖୁବ୍ ସହଜ କରିବାକୁ ଲକ୍ଷ୍ୟ ରଖିଛି । ପ୍ରଥମ ପର୍ଯ୍ୟାୟରେ ବଜାରଓନେଟ୍ ଭୁବନେଶ୍ୱର ଏବଂ କଟକରେ ଏହାର ସେବା ଉପଲବ୍ଧ କରାଇବାକୁ ଥିବାବେଳେ ନିକଟ ଭବିଷ୍ୟତରେ ଏହାର ସେବା ଗୁଡ଼ିକ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ଉପଲବ୍ଧ ହେବାର କାର୍ଯ୍ୟକ୍ରମ ରହିଛି ।ବଜାରଓନେଟ୍ ଗ୍ରାହକଙ୍କୁ ଏପରି ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି ଯେଉଁଠାରେ ସପିଙ୍ଗ ଆପଣଙ୍କ ଆଙ୍ଗୁଳିଟିପରେ ଅତି ସହଜରେ ହୋଇପାରିବ । ଗ୍ରାହକମାନେ ଆପ୍ ମାଧ୍ୟମରେ ନିଜେ କିଣାକିଣିକରି, ଗୋଟିଏ ଡାଇରେକ୍ଟ କଲ୍‌ରେ ସାମଗ୍ରୀ ଅର୍ଡର କରି କିମ୍ବା ହ୍ୱାଟ୍‌ସଆପ୍ ମାଧ୍ୟମରେ ସେମାନଙ୍କର ଆବଶ୍ୟକତା



ସମ୍ପର୍କରେ ମେସେଜ୍ ପଠାଇବା ଭଳି ଯେକୌଣସି ଗୋଟିଏ ସହଜ ମାଧ୍ୟମକୁ ସପିଙ୍ଗ୍ ପାଇଁ ଚୟନ କରିପାରିବେ; ବଜାରଓନେଟ୍ ବଜାରରେ ଉପଲବ୍ଧ ସବୁଠାରୁ ସୁଲଭ ଦରରେ ଆପଣଙ୍କ ପସନ୍ଦର ସାମଗ୍ରୀ ଆପଣଙ୍କ ଘରେ ଡେଲିଭର କରିବାକୁ ସବୁବେଳେ ଖୁସି ଅନୁଭବ କରିବ । ବଜାରଓନେଟ୍ ଆପ୍ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେଉଛି । ଏହା ବ୍ୟତିତ ଗ୍ରାହକମାନେ କମ୍ପାନୀର ୱେବସାଇଟ୍‌ରେ ମଧ୍ୟ କିଣାକିଣି କରିପାରିବେ । ବଜାରଓନେଟର ଶୁଭାରମ୍ଭ ଅବସରରେ ଭୁଖ୍ୟ ଅତିଥିରୂପେ ଭୁବନେଶ୍ୱର ମଧ୍ୟ ବିଧାୟକ, ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଅଭିନେତା, ସମରେଶ ରାଉତରୟ, ବିଶିଷ୍ଟ ବ୍ୟବସାୟି, ରୋହିତ ଗାନ୍ଧି, ଓଲିଉଡ଼ ପ୍ରଡ୍ୟୁସର, ବିନି ସାମଲ୍ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ନୂତନ ଭେନ୍‌ଚର ସମ୍ପର୍କରେ ଘୋଷଣାକରି ଶ୍ରୀଯୁକ୍ତ ସୟ ମହାପାତ୍ର ଓ ପ୍ରଦୀପ ଦାଶ ଗୋଟିଏ ସମାନ ବିଚାରର ପ୍ରତିନିଧିତ୍ୱ କରିଥିବା ସହିତ କହିଛନ୍ତିଯେ, 'ଆମେ ରାଜ୍ୟରେ ୧୦୦୦ଟି ନିଯୁକ୍ତି ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ । ଏହା ରାଜ୍ୟବାସୀଙ୍କ ପାଇଁ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ବଜାରଓନେଟର ରାଜ୍ୟରେ ନିଯୁକ୍ତି ସୃଷ୍ଟି କରିବା, ଚାଷୀ, ନିର୍ମାତା, କିରାନା ଷ୍ଟୋର୍, ଛୋଟ ଦୋକାନୀ ଓ ବ୍ୟବସାୟୀମାନଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱପ୍ନ ରହିଛି । ଏହା ଉପଭୋକ୍ତାଙ୍କ ମାଧ୍ୟମରେ ଚାଷୀ/ନିର୍ମାତାଙ୍କ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରିବାକୁ ଚାହୁଁଛି । ଏହିଭଳିଭାବେ ଉପଭୋକ୍ତାମାନେ ସୁଲଭ ମୂଲ୍ୟରେ ସଠିକ୍ ଉତ୍ପାଦ ପାଇପାରିବେ ଏବଂ ରାଜ୍ୟର ଚାଷୀମାନେ ମଧ୍ୟ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ପାଇପାରିବେ । ଏହା ବାସ୍ତବରେ ମଧ୍ୟସ୍ଥିଙ୍କ ଆବଶ୍ୟକତାକୁ ଶେଷ କରିବ, ଯେଉଁମାନେକି ଅଧିକାଂଶ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଁ ଦାୟୀ ଅଟନ୍ତି ଯେତେବେଳେ ଉତ୍ପାଦଗୁଡିକ ଚାଷୀ ଓ ନିର୍ମାତାଙ୍କଠାରୁ ଉପଭୋକ୍ତାଙ୍କ ନିକଟକୁ ବଜାର ମାଧ୍ୟମରେ ପହଂଚିଥାଏ ।'ବଜାରଓନେଟ୍ ବିଶ୍ୱାସ କରୁଛି ଯେ, ବ୍ୟବସାୟୀ ଓ ଷ୍ଟୋରଗୁଡିକ ହେଉଛନ୍ତି ବାସ୍ତବରେ ଭାରତରେ ଅର୍ଥନୀତିର ଦୁଇଟି ବାହକ ଏବଂ ଏହା ବ୍ୟବସାୟ କରିବା ପାଇଁ ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍-ଅଫ୍‌ଲାଇନ୍ ମଡେଲ୍ ବଜାରକୁ ଆଣିଛି । ବଜାରଓନେଟ୍ ସେମାନଙ୍କୁ ଏକ ସିଙ୍ଗଲ୍ ନେଟ୍‌ୱର୍କ ସିଙ୍ଗଲ ୱିଣ୍ଡୋରେ ସେମାନଙ୍କ ସହ ଜଡିତ ହେବା ଲାଗି ଏକ ସାଧାରଣ ପ୍ଲାଟ୍‌ଫର୍ମ ଆଣିଛି ଯେଉଁଠାରେ ସେମାନେ ଦେଶବ୍ୟାପୀ ଅର୍ଥନୀତିକୁ ସକ୍ରିୟ କରିପାରିବେ ।

## ଓଡିଶାର ଏକମାତ୍ର ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ପୁରୀରେ ପ୍ରତିଷ୍ଠା ଦିବସରେ ସଚେତନ ହେଲେ ମତ୍ସ୍ୟଜିବୀ

ପୁରୀ: ବଙ୍ଗୋପସାଗରରେ ପ୍ରାୟ ୭ ଶହ ପ୍ରକାର ମାଛ ବାସ କରୁଛନ୍ତି । ସେମାନଙ୍କ ସଂପର୍କରେ ଗବେଷଣା ଓ ସଚେତନତା ପାଇଁ ଓଡିଶାର ୪୮୦ କିଲୋମିଟର ଉପକୂଳ ପାଇଁ ଗୋଟିଏ ମାତ୍ର ମତ୍ସ୍ୟ ଲାବୋରେଟୋରି ପୁରୀରେ ରହିଛି । ଏହାର ପ୍ରତିଷ୍ଠା ଦିବସରେ ଗୋଟିଏ ମାତ୍ର ଦିନ ସର୍ବସାଧାରଣଙ୍କ ପାଇଁ ଏହା ଖୋଲାହୋଇଛି । ଫଳରେ ଅନେକ ମତ୍ସ୍ୟଜୀବି ଓ ସ୍କୁଲ ଛାତ୍ରଛାତ୍ରୀମାନେ ସମୁଦ୍ରରେ କେତେ ପ୍ରକାର ଚିଙ୍ଗୁଡି, କଙ୍କଡା, କଇଁଛ ଓ ମାଛ ରହିଛନ୍ତି ସେ ସଂପର୍କରେ ବୁଝିବାର ସୁଯୋଗ ପାଇଥିଲେ । ଏ ସଂପର୍କରେ ସେଂଟ୍ରାଲ ମେରାଇନ୍ ଫିସରଇଜ୍ ରିସର୍ଚ ଇନଷ୍ଟିଚ୍ୟୁଟ (ସିଏମଏଫଆର ଆଇ) ଆଇସିଏଆର ୭୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପୁରୀରେ ଥିବା ସେଂଟରର ମତ୍ସ୍ୟ ବୈଜ୍ଞାନିକ ଡଃ. ସୁବଳ କୁମାର ରାଉଳ କୁହନ୍ତି, ମନୁଷ୍ୟ ଶରୀର ପାଇଁ କେତେକ ଲୁଣିମାଛ ବେଶ ହିତକାରୀ । କୋକଲି, ମରୁଆ, ଇଲିସ ଆଦି ଜାତୀୟ ଲୁଣିମାଛରେ ଓମେଗା-୩ ଫ୍ୟାଟୀ ଏସିଡ୍ ରହିଥିବାରୁ ଏହା ରକ୍ତ ସଂଚାଳନ ପ୍ରତି ହିତକର । ଏହାସହ ମନୁଷ୍ୟ ଶରୀରର ଚର୍ବି ଅଂଶ କମାଇବା, ରକ୍ତଚାପ ସଠିକ୍ ରଖିବା ଓ ଡାଇବେଟିସ୍ କମାଇବାରେ ସହାୟକ ହୋଇଥାଏ । ଏହାସହ ହୃଦରୋଗ କମାଇବା ପାଇଁ ସାହାଯ୍ୟ କରିଥାଏ । ପୁରୀର ପେଣ୍ଠକଟା, କୋଣାର୍କର ଚନ୍ଦ୍ରଭାଗା ଓ ଅସ୍ତରଙ୍ଗର ମତ୍ସ୍ୟଜୀବିମାନଙ୍କୁ ବିଭିନ୍ନ ମାଛ ସଂପର୍କରେ ସଚେତନତା କରାଯାଉଛି । କେଉଁ ମାଛ ଧରିଲେ ବିପଦ ରହିଛି ଓ ମାଛଗୁଡିକୁ ଚିହ୍ନିବା ପାଇଁ ସେମାନଙ୍କୁ ସଚେତନ କରାଯାଉଛି । ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଜ୍ଞାନଗାରରେ ବିଭିନ୍ନ ପୋଷ୍ଟରରେ ମାଛଗୁଡିକର ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାସହ କେତେକ ମାଛ ମଧ୍ୟ ସଂରକ୍ଷଣ କରାଯାଇ ପ୍ରଦର୍ଶିତ ହୋଇଥିଲା । ଚିଲିକା ଓ ସମୁଦ୍ରରେ କଙ୍କଡା ଚାଷ ପାଇଁ ସ୍ୱତନ୍ତ୍ର ବାକ୍ସ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ବିଜ୍ଞାନ କେନ୍ଦ୍ରର ଅନ୍ୟତମ ବୈଜ୍ଞାନିକ ରାଜେଶ କୁମାର ପ୍ରଧାନ ମଧ୍ୟ ମତ୍ସ୍ୟଜୀବି ଓ ଛାତ୍ରଛାତ୍ରୀଙ୍କ ସାମୁଦ୍ରିକ ମାଛ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray